ଏଫଆଇଏଚ୍ ପ୍ରୋ ଲିଗ୍ : ଇଂଲଣ୍ଡକୁ ସୁଟ୍‌ଆଉଟ୍‌ରେ ହରାଇଲା ଟିମ୍ ଇଣ୍ଡିଆ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୫୦ ● ୩୦ ଜୁନ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-150 ● 30th June 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ, ୨୯ ।୬ : ନ୍ୟୁଜ୍ ବ୍ୟୁରୋ**

ପବିତ୍ର ସ୍ନାନପୂର୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରୁ ଧାଡି ପହଣ୍ଡିରେ ସ୍ନାନବେଦୀରେ ବିରାଜମାନ କରିଛନ୍ତି । ସୋମବାର ମହାପ୍ରଭୁଙ୍କ ଜନ୍ମଦିନ । ସ୍ନାନ ବେଦୀରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ମା' ସୁଭଦ୍ରାଙ୍କୁ ୨୨ଗରା ଓ ପ୍ରଭୁ ସୁଦର୍ଶନଙ୍କୁ ୧୮ ଗରାରେ ସ୍ନାନ କରାଯାଇଥିଲା । ଅପରାହ୍ନରେ ଶ୍ରୀବିଗ୍ରହ ମାନଙ୍କୁ ଦୁର୍ଲଭ ହାତୀବେଶରେ ସଜ୍ଜିତ କରାଯାଇଥିଲା । ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ ଶ୍ରୀମନ୍ଦିର ବାହାର ଓ ଭିତର ପ୍ରକମ୍ପିତ ହୋଇଥିଲା । ଭିତରଚ୍ଛୁ ତଳୁଛ, ଦଇତାପତି, ଖୁଣ୍ଟିଆ, ପୁଷ୍ପାଳକ, ମେକାପ ସେବକ ଶ୍ରୀବିଗ୍ରହମାନଙ୍କୁ ହାତୀବେଶରେ ସଜ୍ଜିତ କରିଥିଲେ । ମହାରାଷ୍ଟ୍ରର ଗଣପତି ଭକ୍ତ ହାତୀବେଶ ନଦେଖି ଫେରି ଯାଉଥିବା ବେଳେ ମହାପ୍ରଭୁଙ୍କ ଶୂନ୍ୟବାଣୀ ଶୁଣି ଗଣପତି ଫେରିଆସି ସ୍ନାନ ବେଦୀରେ ହାତୀବେଶ ଦେଖି କୃତକୃତ୍ୟ ହୋଇଯାଇଥିଲେ । ସେହିଦିନ ଠାରୁ ପ୍ରଭୁଙ୍କୁ ହାତୀବେଶ କରାଯାଉଛି । ସ୍ନାନ ବେଦୀରେ ପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ରାଘବଦାସ ମଠ ପକ୍ଷରୁ ଏହି ହାତୀବେଶ ସରଞ୍ଜାମ ଅର୍ପଣ କରାଯାଇଥିଲା। ଅକ୍ଷୟ ତୃତୀୟା ଠାରୁ ହାତୀବେଶ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ସୋଲ, ଜରି ଜମ୍ବୁରା, କଦଳୀ ପାଟୁକା, କଇଥ ଅଠାରେ କାରିଗର ମାନେ ହାତୀବେଶ ପ୍ରସ୍ତୁତ କରିଥିଲେ । କିଆଫଳି, ଚନ୍ଦ୍ର ସୂର୍ଯ୍ୟ, ଡାଳି, କାନ, ଥୋଡ, ହାଣ୍ଡିଆ ଆଦି ହାତୀବେଶରେ ବ୍ୟବହୃତ ହୋଇଥିଲା। ସ୍ନାନ ପୂର୍ଣିମାରେ ଶ୍ରୀମନ୍ଦିର ଗୁମୁଟ, ସ୍ନାନବେଦୀ, ମନ୍ଦିର ଚାରିଦ୍ୱାର ସୁବାସିତ ପୁଷ୍ପରେ ସଜ୍ଜିତ ହୋଇଥିଲା । ଶ୍ରୀମନ୍ଦିର ଚାରିପଟ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହେବା ସହ ସ୍ନାନବେଦୀରେ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ମାର୍କେଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ ଭିତରେ ଭକ୍ତ ମାନେ ଧାଡିରେ ଯାଇ ଦର୍ଶନ କରିବା ସହ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାଣି ବଣ୍ଟନ ଓ ପାଣି ସିଞ୍ଚନ କରାଯାଇଥିଲା । ସୋମବାର ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରି ମହା ଆନନ୍ଦିତ ହୋଇଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢୀ, (ପୃଷ୍ଠା ୭ରେ)



## ସ୍ନାନବେଦୀରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**ପୁରୀ, ୨୯ ।୬ : ନ୍ୟୁଜ୍ ବ୍ୟୁରୋ**

ପବିତ୍ର ସ୍ନାନପୂର୍ଣ୍ଣିମୀ ଓ ଶ୍ରୀବିଗ୍ରହଙ୍କ ଜନ୍ମଦିନ ଅବସରରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକ୍ଷେତ୍ର ଆସି ଶ୍ରୀମନ୍ଦିରରେ ସ୍ନାନବେଦୀ ଉପରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି । ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାସଗୃହକୁ ଯାଇଥିଲେ । ପରେ ସର୍କିଟ ହାଉସ ଠାରେ ବିଶିଷ୍ଟବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରିଥିଲେ । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ।

## ସେସେଲ୍ସ ଗସ୍ତ ସାରି ଫେରିଲେ ମୋଦୀ
# ୧୯ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ, ୨୯ ।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତ୍ରିଦିବସୀୟ ସେସେଲ୍ସ ଗସ୍ତ ଶେଷ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ସୋମବାର ସେସେଲ୍ସ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି, ଏକ ନିରାପଦ ଓ ସମୃଦ୍ଧ ଭାରତ ମହାସାଗର କ୍ଷେତ୍ର ପାଇଁ ସହଭାଗୀ ଦୃଷ୍ଟିକୋଣକୁ ଆଗକୁ ବଢାଇବା ଉପରେ ବିସ୍ତୃତ ଆଲୋଚନା କରିବା ପରେ ତିନି ଦିନିଆ ଗସ୍ତ ଶେଷ କରିଛନ୍ତି ।

ଭାରତ ଓ ସେସେଲ୍ସ ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଡିଜିଟାଲ ପେମେଣ୍ଟ, ମହାକାଶ, ସ୍ୱାସ୍ଥ୍ୟସେବା, କୃଷି ଓ ଶିକ୍ଷା କ୍ଷେତ୍ରରେ ୧୯ଟି ଚୁକ୍ତି କରିଥିଲେ। ମୋଦୀ ଏହି ଗସ୍ତରେ ସେସେଲ୍ସର ଜାତୀୟ ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ରବିବାର ସେସେଲ୍ସର ଜାତୀୟ ଦିବସ ପାଳନ ଅବସରରେ ଆସାମ ରେଜିମେଣ୍ଟ ଓ ଭାରତୀୟ ନୌସେନାର ଦଳ ଅଂଶଗ୍ରହଣ କରିଥିଲେ। ମୋଦୀ ସେସେଲ୍ସର ସଂସଦକୁ ସମ୍ବୋଧିତ କରିଥିଲେ। ମୋଦୀଙ୍କୁ ସେସେଲ୍ସର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ 'ଗାର୍ଡିଆନ୍ ଅଫ ଦ ବ୍ଲୁ ହରାଇଜନ' ପ୍ରଦାନ କରାଯାଇଥିଲା। ମୋଦୀଙ୍କୁ ବିମାନବନ୍ଦରରେ ସେସେଲ୍ସ ଉପରାଷ୍ଟ୍ରପତି ସେବାଷ୍ଟିଆନ୍ ପିଲ୍ଲେ ଓ ଭାରତୀୟ ସମୁଦାୟ ପକ୍ଷରୁ ବିଦାୟ ଦିଆଯାଇଥିଲା। ପ୍ରତ୍ୟାବର୍ତ୍ତନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ (ପୃଷ୍ଠା ୭ରେ)

## ସ୍କୁଲକୁ ଦିଆଯିବ ସଂଶୋଧିତ ପୁସ୍ତକ : ମନ୍ତ୍ରୀ

**ଭୁବନେଶ୍ୱର, ୨୯ ।୬ : ନ୍ୟୁଜ୍ ବ୍ୟୁରୋ**

ସ୍କୁଲ୍‌କୁ ସଂଶୋଧିତ ପୁସ୍ତକ ଦିଆଯିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପ୍ରତ୍ୟାହାର ହେବନି ତ୍ରୁଟିପୂର୍ଣ୍ଣ ବହି । ସ୍କୁଲକୁ ଦିଆଯିବ ସଂଶୋଧିତ ପୁସ୍ତକ । ବହି ତ୍ରୁଟି ତଦନ୍ତରେ ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ସ୍କୁଲ୍‌ରେ ଠିକ୍ ଭାବରେ ପଢ଼ାଯିବା ନେଇ ସଂଶୋଧିତ ବହି ବ୍ୟବହାର ହେବ । ସଂଶୋଧିତ ବହି ଡିଇଓ କିମ୍ବା ପ୍ରଧାନ ଶିକ୍ଷକଙ୍କ ଜରିଆରେ ଦିଆଯିବ ।

## ଆଫଗାନିସ୍ତାନ ସୀମାରେ ବିମାନ ଆକ୍ରମଣରେ ୨୫ ଜଣ ଆତଙ୍କବାଦୀ ନିହତ !

**ଇସଲାମାବାଦ, ୨୯ ।୬**

କରାଚିରେ ସିନ୍ଧ ରେଞ୍ଜର୍ସ ମୁଖ୍ୟାଳୟ ଉପରେ ଆକ୍ରମଣ ପରେ ପାକିସ୍ତାନର ସଂଘୀୟ ସରକାର ୨୮ ଏବଂ ୨୯ ଜୁନର ମଧ୍ୟବର୍ତ୍ତୀ ରାତିରେ ଆଫଗାନିସ୍ତାନ ସୀମାରେ ବିମାନ ଆକ୍ରମଣରେ ୨୫ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଦାବି କରିଛନ୍ତି। ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ସେନାର ଗଣମାଧ୍ୟମ ଏବଂ ଜନସମ୍ପର୍କ ଶାଖା, ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନ୍ (ଆଇ.ଏସ୍.ପି.ଆର)ର ରାଓ୍ୱଲପିଣ୍ଡି ମୁଖ୍ୟାଳୟ କହିଛି ଯେ ଏକ ଗୁଇନ୍ଦା ଭିତ୍ତିକ ଅପରେସନରେ ଏହି ସଫଳତା ହାସଲ କରାଯାଇଛି।

ରିପୋର୍ଟ ଅନୁଯାୟୀ, (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଗଜପତି ଜିଲ୍ଲାରେ ଜଣେ ନାବାଳକଙ୍କୁ ନିର୍ଯାତନା ଅଭିଯୋଗରେ ପୂଜକ ଗିରଫ।
- ରେଳ ସୁରକ୍ଷା ପାଇଁ କବଚ ବ୍ୟବସ୍ଥା ରାଜ୍ୟର ଅନେକ ରେଳପଥରେ ଲାଗୁ ହେବ।
- ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍।
- ଅଗରତାଲାର ମହାରାଜା ବୀର ବିକ୍ରମ ବିମାନ ବନ୍ଦରରେ ଆଠ ଜଣ ବାଂଲାଦେଶୀ ନାଗରିକ ଗିରଫ।
- ଟିଏମସି ବ୍ୟାଙ୍କ ଆକାଉଣ୍ଟ ଓ ଦଳର ପାଣ୍ଠି ଉପରେ ଅଧିକାର ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ମମତା ଗୋଷ୍ଠୀ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୦୨ (-୯୩)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୧୧୦ (-୮୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୨୭ (-୬୯)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୦ (+୦)

## ସାର ବଣ୍ଟନକୁ ପ୍ରୋତ୍ସାହିତ କରିବା ପାଇଁ ୪୨ କୋଟି ଟଙ୍କାର ସୁଧ ରିହାତି ଯୋଜନା ମଞ୍ଜୁରୀ

**ଭୁବନେଶ୍ୱର, ୨୯ ।୬**
**ନ୍ୟୁଜ୍ ବ୍ୟୁରୋ**

ସମବାୟ ସମିତିଗୁଡ଼ିକ ଦ୍ୱାରା ସାର ବଣ୍ଟନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ୪୨ କୋଟି ଟଙ୍କାର ସୁଧ ରିହାତି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ରାଜ୍ୟର ଚାଷୀମାନଙ୍କୁ ସଠିକ୍ ସମୟରେ ସାର ଉପଲବ୍ଧ କରାଇବା ଏବଂ ସେମାନଙ୍କୁ କଳାବଜାରୀରୁ ରକ୍ଷା କରିବା ପାଇଁ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସମବାୟ ବିଭାଗ ଦ୍ୱାରା ଏକ ନୂତନ ଯୋଜନାର କାର୍ଯ୍ୟକାରିତାକୁ ଅନୁମୋଦନ କରିଛନ୍ତି, ଯାହା ଚାଷୀମାନଙ୍କୁ ସାର ବଣ୍ଟନ ପ୍ରକ୍ରିୟାକୁ ସହଜ ଓ ସୁଗମ କରିବ। ସମବାୟ ବିଭାଗର କମିଶନର-ତଥା-ସଚିବଙ୍କ ଅଧକ୍ଷତାରେ ଗଠିତ ସ୍ଥାୟୀ ଆର୍ଥିକ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନୂତନ ରାଜ୍ୟ ଯୋଜନାର ନାମ ହେଉଛି 'ସାରର ପୂର୍ବ-ମହଜୁଦ (ପ୍ରି-ପୋଜିସନିଂ) ପାଇଁ କ୍ୟାଶ୍ କ୍ରେଡିଟ୍ ଋଣ ଉପରେ ସୁଧ ରିହାତି।' ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଅର୍ଥ ବିଭାଗ ଚଳିତ ଆର୍ଥିକ ବର୍ଷରୁ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଅନୁମୋଦନ ପ୍ରଦାନ କରିସାରିଛି। (ପୃଷ୍ଠା ୭ରେ)

## ଆମେରିକା-ଇରାନ ଆକ୍ରମଣ ବନ୍ଦ କରିବାକୁ ସହମତ

**ଓ୍ୱାଶିଂଟନ, ୨୯ ।୬**

ଆମେରିକା ଏବଂ ଇରାନ ପରସ୍ପର ଉପରେ ଆକ୍ରମଣ ବନ୍ଦ କରିବାକୁ ସହମତ ହୋଇଛନ୍ତି। ମଙ୍ଗଳବାର ଦିନ କାତାରର ରାଜଧାନୀ ଦୋହାରେ ଉଭୟ ପକ୍ଷ ଭେଟିବେ ବୋଲି ଆଶା କରାଯାଉଛି ବୋଲି ଅଧିକାରୀ ଆକ୍ସିୟୋସ୍ କହିଛନ୍ତି। ଉଭୟ ପକ୍ଷ ହରମୁଜ ଜଳପ୍ରବାହକୁ ନେଇ ସେମାନଙ୍କର ବିବାଦ ଏବଂ ମତଭେଦ ସମାଧାନ ଉପରେ ଆଲୋଚନା ହୋଇପାରେ। ହରମୁଜ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ତୈଳ ଯୋଗାଣ ମାର୍ଗ।

ଅଧିକାରୀ କହିଛନ୍ତି ଯେ ଉଭୟ ପକ୍ଷ ବର୍ତ୍ତମାନ ମଙ୍ଗଳବାର ଦିନ କାତାରର ରାଜଧାନୀ ଦୋହାରେ ଭେଟିବାକୁ ଯୋଜନା କରିଛନ୍ତି, ଯାହା ହରମୁଜ୍ ଷ୍ଟ୍ରେଟ୍ ଉପରେ ସେମାନଙ୍କର ବିବାଦର ସମାଧାନ କରିବ। ଦୋହା ଆଲୋଚନାରେ ଆମେରିକାର ବୈଷୟିକ ଦଳର ମୁଖ୍ୟ ନିକ୍ ଷ୍ଟିଓ୍ୱାର୍ଟ ଯୋଗଦେବେ ବୋଲି ଆଶା କରାଯାଉଛି।

ଅଧିକାରୀ ଜଣକ କହିଛନ୍ତି, 'ଆମେ ସମସ୍ତ ସାମରିକ କାର୍ଯ୍ୟକଳାପ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛୁ। ଆମେରିକାର ଜଣେ ଦ୍ୱିତୀୟ ଅଧିକାରୀ କହିଛନ୍ତି ଯେ ଉଭୟ ପକ୍ଷ ବର୍ତ୍ତମାନ ପାଇଁ ଅଲଗା ହୋଇଯିବେ ଏବଂ ବୈଷୟିକ ଆଲୋଚନା ଜାରି ରହିଥିବାରୁ ଜାହାଜଗୁଡ଼ିକ ମୁକ୍ତ ଭାବରେ ଗତି କରିବାକୁ ସକ୍ଷମ ହେବେ। ଏହି ବିଷୟରେ (ପୃଷ୍ଠା ୭ରେ)

## ୩-ଭାଷା ନୀତି ନେଇ ସିବିଏସ୍‌ଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି
# ୨୦୨୬-୨୭ରେ ଦଶମ ଛାତ୍ରଛାତ୍ରୀଙ୍କୁ ତୃତୀୟ ଭାଷାରେ ବୋର୍ଡ ପରୀକ୍ଷା ଦେବାକୁ ପଡିବ ନାହିଁ

**ନୂଆଦିଲ୍ଲୀ, ୨୯ ।୬**

ସିବିଏସଇର ୩-ଭାଷା ନୀତି ବିଷୟରେ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ମାନଙ୍କର ଅନେକ ପ୍ରଶ୍ନ ଏବଂ ଚିନ୍ତା ଥିଲା। ସିବିଏସଇ ଏବେ ଏହାର ସମାଧାନ କରିଛି। ବୋର୍ଡ କହିଛି ଯେ ୭ମ, ୮ମ, ୯ମ ଏବଂ ବର୍ତ୍ତମାନର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ କୌଣସି ବଡ଼ ପରିବର୍ତ୍ତନ କରାଯିବ (ପୃଷ୍ଠା ୭ରେ)




## ଜୁଲାଇ ୪ରେ ଅମିତ ଶାହଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୨୯ ।୬**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ଜୁଲାଇ ୪ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ସୂଚନା ଦେଇଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ।ସୂଚନା ଅନୁଯାୟୀ, ଜୁଲାଇ ୪ ତାରିଖରେ ଅମିତ ଶାହ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚି ସିଧାସଳଖ ବରଗଡ଼ ଗସ୍ତ କରିବେ। ସେଠାରେ ଏକ ଇଥାନଲ୍ ପ୍ରକଳ୍ପର ଶୁଭାରମ୍ଭ କରିବେ ।ଏହାପରେ ସେ ସେହିଦିନ ସମ୍ବଲପୁରକୁ ଯାଇ ରାତ୍ରିଯାପନ କରିବେ। ଜୁଲାଇ ୫ ତାରିଖରେ ସମ୍ବଲପୁରରେ ଆୟୋଜିତ ଏକ (ପୃଷ୍ଠା ୭ରେ)

## ଏକାଳ ପଖାଳ



କ୍ୟାଚ୍ ମିସ୍ ମ୍ୟାଚ୍ ମିସ୍
ବିଶ୍ୱ କପ୍ ଏଠି ସରିଲା
ଝିଅ ସବୁ ଆମ ଭଲ ଖେଳିଲେ
ହୁଅ ପଛେ ବହେ ଘାଇଲା
ହେଲେ ଆୟର୍ଲାଣ୍ଡ ଯେଉଁ ମାଇଲା
ସେ ମାଡରେ ଆୟର ଟିମ୍
ଚିତ୍‌ପଟାଙ୍ଗ ହେଇ ପଇଲା ।

## ଅନ୍‌ଲାଇନରେ ଟଙ୍କା ପଠାଇବା ନିୟମରେ ହେବ ପରିବର୍ତ୍ତନ




**ନୂଆଦିଲ୍ଲୀ, ୨୯ ।୬**

ଡିଜିଟାଲ୍ ପେମେଣ୍ଟର ବର୍ଦ୍ଧିତ ଧାରା ମଧ୍ୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଅନଲାଇନ୍ ଠକେଇକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଆରବିଆଇ ପ୍ରସ୍ତାବ ଦେଇଛି ଯେ ୧୦,୦୦୦ ରୁ ଅଧିକ ଅନଲାଇନ୍ ଟ୍ରାନ୍ସଫର ସମ୍ପୂର୍ଣ୍ଣ ହେବା ପୂର୍ବରୁ ଗୋଟିଏ ଘଣ୍ଟା ବିଳମ୍ବ ହୋଇପାରେ। ଦେଶର ବ୍ୟାଙ୍କିଂ ଶିଳ୍ପ ଏହି ସୁରକ୍ଷା ପଦକ୍ଷେପକୁ ସମର୍ଥନ କରିଥିବା ବେଳେ, ଏହା ସାଧାରଣ ଲୋକଙ୍କ ସୁବିଧା ଏବଂ ସମ୍ଭାବ୍ୟ ବୈଷୟିକ ଚ୍ୟାଲେଞ୍ଜ ସମ୍ପର୍କରେ ମଧ୍ୟ ଚିନ୍ତା ପ୍ରକାଶ କରିଛି। ବ୍ୟାଙ୍କଗୁଡ଼ିକ ବିଶ୍ୱାସ କରନ୍ତି ଯେ ଏହି ନିୟମ ଠକେଇକୁ ରୋକିବାରେ ସାହାଯ୍ୟ କରିବ, କିନ୍ତୁ ସାଧାରଣ ଲୋକମାନେ ସେମାନଙ୍କର ଦୈନନ୍ଦିନ କାରବାରରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଏପ୍ରିଲରେ ପ୍ରକାଶିତ ଏକ ଆଲୋଚନା ପତ୍ରରେ, ଆରବିଆଇ ପ୍ରସ୍ତାବ ଦେଇଥିଲା ଯେ ଯେତେବେଳେ କୌଣସି ବ୍ୟକ୍ତିଗତ ଗ୍ରାହକ, ମାଲିକ କିମ୍ବା ସହଭାଗୀ ସଂସ୍ଥା ୧୦,୦୦୦ ରୁ ଅଧିକ ଡିଜିଟାଲ୍ ପେମେଣ୍ଟ ଆରମ୍ଭ କରନ୍ତି, ସେତେବେଳେ କାରବାର ସମାପ୍ତ ହେବା ପୂର୍ବରୁ ଗୋଟିଏ ଘଣ୍ଟା ବିରତି ଦେବାକୁ ପଡିବ । ଏହି ବିଳମ୍ବ କେବଳ ପ୍ରେରକଙ୍କ (ପ୍ରଦାନକାରୀଙ୍କ) ଦ୍ୱାରା ପ୍ରଯୁଜ୍ୟ ହେବ । ବ୍ୟାଙ୍କର କହିବା ଅନୁସାରେ, ଏକ ଘଣ୍ଟାର ଏହି ବିଳମ୍ବ (ପୃଷ୍ଠା ୭ରେ)

## ପେଟ୍ରୋଲ୍, ଡିଜେଲ୍ ବିକ୍ରି ଉପରୁ କଟକଣା ହଟିଲା

**ନୂଆଦିଲ୍ଲୀ, ୨୯ ।୬**




ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନଜରରେ ରଖି ଚଳିତ ମାସରେ ପେଟ୍ରୋଲ୍ ଓ ଡିଜେଲ୍ ବିକ୍ରିରେ ଲଗାଯାଇଥିବା କଟକଣାକୁ ସରକାର ପ୍ରତ୍ୟାହାର କରିଛନ୍ତି। ଆସନ୍ତା ଜୁଲାଇ ୧ରୁ କଟକଣା ହଟିଯିବ। ବାଣିଜ୍ୟିକ ଗ୍ରାହକମାନଙ୍କୁ ପେଟ୍ରୋଲ୍ ପମ୍ପରୁ ପେଟ୍ରୋଲ୍ ଓ ଡିଜେଲ୍ କିଣିବାକୁ ବାରଣ କରାଯାଇଥିଲା। ଏଥି ସହିତ ଗାଡ଼ି ପିଛା ତେଲ ବିକ୍ରିର ନିର୍ଦ୍ଦିଷ୍ଟ ସୀମା ମଧ୍ୟ ଧାର୍ଯ୍ୟ କରାଯାଇଥିଲା। ଯୁଦ୍ଧ ପାଇଁ ତେଲ ଅଭାବ ଦେଖାଦେବାର ଆଶଙ୍କା ଥିବାରୁ ଏହିସବୁ କଟକଣା ଲଗାଯାଇଥିଲା।

ତେବେ ଇରାନ ଓ ଆମେରିକା ମଧ୍ୟରେ ଅନ୍ତରୀଣ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ଓ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ହେଉଥିବାରୁ ସରକାର କଠୋର କଟକଣାଗୁଡ଼ିକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁଲାଇ ପହିଲାରୁ ଦେଶରେ ଯୁଦ୍ଧ ପୂର୍ବ ସମୟର ବ୍ୟବସ୍ଥା ଅନୁସାରେ ବିନା କୌଣସି କଟକଣାରେ ତେଲ ବିକ୍ରି ହେବ। ଏହା ଦ୍ୱାରା (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁନ ୨୦୨୬ ମଙ୍ଗଳବାର





# ମୋଦୀଙ୍କ 'ମନ୍ କି ବାତ୍' ଦେଖିବା ସହ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ବ୍ଲକ ଅନ୍ତର୍ଗତ ପୁରୁଣା ବହିରା ଗ୍ରାମର ଗୋଷ୍ଠୀ ମଣ୍ଡପଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯିବା ସହ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଥିଲା। ବହିରା ମଣ୍ଡଳ ଅନ୍ତର୍ଗତ ବୁଥ୍ ନଂ–୪ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜିଲ୍ଲା ବିଜେପି ଉପସଭାପତି ତଥା 'ମନ୍ କି ବାତ୍' ଜିଲ୍ଲା ସଂଯୋଜକ ସୁଶାନ୍ତ ବାଘଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଜୀବନୀ, ଆଦର୍ଶ ଓ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ବିଜେପି ନେତା ଶ୍ୟାମସୁନ୍ଦର ପୁରୋହିତ ଏବଂ ବିଏଲଏ ଶମ୍ଭୁ ପ୍ରସାଦ ଗାଈଗୌରିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ବିଜେପି ଉପସଭାପତି ସୁଶାନ୍ତ ବାଘ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ବିକାଶମୂଳକ କାର୍ଯ୍ୟ ଏବଂ ସଂଗଠନର କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷାବିତ ଗଣ୍ଡାରାମ ସାହୁଙ୍କୁ ମୋଦୀ ସରକାର ଓ ମୋହନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ବଳିତ ଦୁଇଟି ପୁସ୍ତକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ୟାମ ପଧାନ, ମୋହନ ବାରିକ, ଗଣ୍ଡାରାମ ସାହୁ, ପ୍ରମୋଦ ବାରିକ, ଗୋପୀନାଥ ମେହେର, ସୁଦାମ ଉର୍ମାଙ୍କ ସମେତ ମାତୃଶକ୍ତି, ଯୁବଶକ୍ତି ଓ ଶତାଧିକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି 'ମନ୍ କି ବାତ୍' କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ଶେଷରେ ଗଣ୍ଡାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଧାନୀରେ ଥରହର କଲେଣି ବାଳ ଅପରାଧୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ବଢ଼ୁଛି ବାଳ ଅପରାଧୀଙ୍କ ସଂଖ୍ୟା। ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଲୁଟ୍‌ପାଟ, ନିଶା କାରବାର, ବନ୍ଧୁକ ବେପାର ଓ ଦୁଷ୍କର୍ମ ଭଳି ଘଟଣାରେ ମଧ୍ଯ ବାଳ ଅପରାଧୀମାନେ ସଂପୃକ୍ତ ରହୁଛନ୍ତି। କେବଳ ଏତିକି ନୁହେଁ, ଏବେ ବାଳ ଅପରାଧୀମାନେ ଏବେ ସଙ୍ଗଠିତ ଅପରାଧରେ ମଧ୍ୟ ସାମିଲ ହେଲେଣି। ବିଶେଷକରି କମିସନରେଟ୍ ପୁଲିସର ଭୁବନେଶ୍ୱର ୟୁପିଡିରୁ ମିଳିଥିବା ତଥ୍ୟ ସାମନାକୁ ଆସିବା ପରେ ଏହା ଉଭୟ ପୁଲିସ ଓ ରାଜଧାନୀ ବାସିନ୍ଦାଙ୍କ ପାଇଁ ଚିନ୍ତା ବଢ଼ାଇଛି। ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଜୁନ୍ ସୁଦ୍ଧା ୫୬ଜଣ ନାବାଳକ ବିଭିନ୍ନ ଅପରାଧ ଘଟାଇ ଧରାପଡ଼ିବା ପରେ ସେମାନଙ୍କୁ ଜେଜେବିରେ ହାଜର କରାଯାଇ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଯେଉଁଥିରେ ଜଣେ ହତ୍ୟାକାଣ୍ଡ ଭଳି ସଙ୍ଗିନ ଅପରାଧରେ ଜଡ଼ିତ ଥିବା ବେଳେ ୧୦ରୁ ଅଧିକ ଆର୍ମସ୍ ଆକ୍ଟ ଅର୍ଥାତ୍ ଖଣ୍ଡା ଓ ମାରଣାସ୍ତ୍ରରେ ଆକ୍ରମଣରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଗତ ମେ ମାସରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରିବା ଘଟଣାରେ ଜଣେ ନାବାଳକଙ୍କ ସଂପୃକ୍ତି ସାମ୍ନାକୁ ଆସିଥିଲା। ଏହା ପରେ ସେହି ମାସ ବାଲିଅନ୍ତା ଓ ନନ୍ଦନକାନନ ଥାନା ଅଞ୍ଚଳରେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ୨ଜଣଙ୍କୁ ପୁଲିସ ଗିରଫ କରିଥିଲା। ଏହିଠୁ ବାଳ ଅପରାଧୀଙ୍କର ଘୃଣ୍ୟ ଅପରାଧରେ ସଂଶ୍ଳିଷ୍ଟ କଥା ପଦାକୁ ଆସିବା ପରେ ପୁଲିସ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଥିଲା। ଏ ସବୁ ବ୍ୟତୀତ ଲକ୍ଷ୍ମୀସଗରରେ ଗଂଜେଇ କାରବାର ଅଭିଯୋଗରେ ଜଣେ ନାବାଳକଙ୍କ ବିରୋଧରେ ଏନଡିପିଏସ୍ ଭଳି କଠୋର ଦଫା ଲଗାଇବାକୁ ବାଧ ହୋଇଥିଲା ପୁଲିସ। ସେହିଭଳି ଏପ୍ରିଲ୍ ୯ ତାରିଖରେ ଗୋଷ୍ଠୀ ସଂଘର୍ଷକୁ କେନ୍ଦ୍ର କରି ଜଣେ ନାବାଳକ ଓ ତାର ସହଯୋଗୀ ବୋମାମାଡ଼ କରି ଲକ୍ଷ୍ମୀସାଗର ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। କେବଳ ଏତିକି ନୁହେଁ ପ୍ରାୟ ୩୦ରୁ ଅଧିକ ନାବାଳକ ବିଭିନ୍ନ ସମୟରେ ଲୋକଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଛନ୍ତି। ଯେଉଁଥିପାଇଁ ପୁଲିସ ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲଗାଇଛି। ତେବେ ଏନେଇ ଶିଶୁ ସୁରକ୍ଷା କର୍ମୀ ଡା. ବେଣୁଧର ସେନାପତି କହିଛନ୍ତି ଯେ ବିଭିନ୍ନ ଅପରାଧରେ ସଂଶ୍ଳିଷ୍ଟ ହୋଇ ଯେତେବେଳେ ବାଳ ଅଭିଯୁକ୍ତମାନେ ସୁଧାରଗୃହ ଯାଉଛନ୍ତି, ସେଠାରେ ତାଙ୍କୁ ଅପରାଧର କୁପରିଣତି ଏଥିରୁ ନିବୃତ୍ତ ହେବା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ତେଣୁ ଯିଏ ବି ବାଳ ସୁଧାରଗୃହ ଯାଉଛନ୍ତି ସେଠାରୁ ଫେରିବା ପୂର୍ବରୁ ସିଡବ୍ଲୁସି ଦ୍ୱାରା କାଉନସେଲିଂ କରିବାକୁ ସରକାର ବାଧ୍ୟତାମୂଳକ ନିୟମ କରନ୍ତୁ। ସେହିଭଳି ବର୍ତ୍ତମାନ ଦୁଷ୍କର୍ମ ଓ ସାଇବର ଅପରାଧରେ କିଶୋର କିଶୋରୀଙ୍କ ସଂପୃକ୍ତି ବଢୁଛନ୍ତି। ତେଣୁ ସ୍କୁଲରୁ ହିଁ ବୟସଭିତ୍ତିକ ଯୌନ ଶିକ୍ଷା(ସେକ୍ସ ଏଜୁକେସନ୍) ଦେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏସବୁ ବ୍ୟତୀତ ପରିବାରରୁ ହିଁ ପିଲାର ଚରିତ୍ର ଗଠନ ହୋଇଥାଏ। ତେଣୁ ପିତାମାତାମାନେ ପିଲାକୁ ଯଥେଷ୍ଟ ସମୟ ଦେବା ସହିତ ତାକୁ ଚାପମୁକ୍ତ ରଖିବା ଆବଶ୍ୟକ। ତା' ସହ ମିଶି ଅପରାଧମନସ୍କ ଲକ୍ଷଣକୁ ବଢୁଥିଲେ ବିଭିନ୍ନ ପରାମର୍ଶ ଦେଇ ସମୟ ପୂର୍ବରୁ ତା'ର ପ୍ରତିକାର କରିବାର ସୁଯୋଗ ପାଇବେ ବୋଲି ଶ୍ରୀ ସେନାପତି କହିଛନ୍ତି।



# "ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ"

**ନବରଙ୍ଗପୁର , ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମର ଚତୁର୍ଥ ଦିବସ ଅବସରରେ ନବରଙ୍ଗପୁର ପୋଲିସ୍ ପଡ଼ିଆଠାରେ ବ୍ଲକ୍ ସ୍ତରୀୟ "ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ" ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ ଯୋଗଦେଇଥିଲେ। ତାଙ୍କ ସହିତ ଜିଲ୍ଲା ସଂଯୋଜକ ଶତାବ୍ଦିକା ପାଲୋ, ବ୍ଲକ୍ ସଂଯୋଜକ ଦୁଲାର ନାୟକ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ଜିଲ୍ଲା ନିଯୁକ୍ତି ଅଧିକାରୀ, ସହକାରୀ ଶିଳ୍ପ ଅଧିକାରୀ , ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଅତିଥିମାନେ ଉପସ୍ଥିତ ଥିଲେ। ଜିଲ୍ଲା ନିଯୁକ୍ତି ଅଧିକାରୀ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଯୁବପିଢ଼ୀଙ୍କ ପାଇଁ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ଓ ନିଯୁକ୍ତି ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିଳ୍ପ ଅଧିକାରୀ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ରହିଥିବା ଉଦ୍ୟୋଗ ସ୍ଥାପନ, ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି 'ବିକଶିତ ଗାଁ ବିକଶିତ ଓଡ଼ିଶା' ୨୦୨୪-୨୫ ଓ ୨୦୨୫-୨୬ ସହ ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବ୍ଲକମାନଙ୍କୁ ପୁରସ୍କୃତ କରିଥିଲେ। ୨୦୨୪-୨୫ରେ ଉମରକୋଟ ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର ଏବଂ ୨୦୨୫-୨୬ରେ ନବରଙ୍ଗପୁର ବ୍ଲକ୍ ପ୍ରଥମ ସ୍ଥାନ ହାସଲ କରିଛି।ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ କୋଷାଗୁମୁଡ଼ା ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଛି।ସେଭଳି ଜିଲ୍ଲା ପରିଷଦର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଅଧିକାରୀ ଭାବେ ଗ୍ରାମୀଣ ଗୃହ ଯୋଜନାର ପ୍ରୋଗ୍ରାମ ମ୍ୟାନେଜର ଦେବସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ନବରଙ୍ଗପୁର ବିଡିଓ ସୁନୀଲ ଖରା ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ଅଧିକାରୀ ଓ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ବାଳିକାମାନଙ୍କୁ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ କରାଯାଉ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ବିଶ୍ୱ ନିଶା ନିବାରଣ ଦିବସ ଏବଂ ଅବୈଧ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୋଧୀ ଆନ୍ତର୍ଜାତୀୟ ଦିବସ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରି ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ କାର୍ଯାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ,ଚିକିତ୍ସା ବିଭାଗ, ଶିଶୁ ମଙ୍ଗଳ କମିଟି ଅବକାରୀ ବିଭାଗ ଏବଂ ବ୍ରହ୍ମାକୁମାରୀ ସଂସ୍ଥାର ସମ୍ବଳ ବ୍ୟକ୍ତିମାନେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତାମାନେ କହିଥିଲେ ଯେ ନିଶାମୁକ୍ତ ସମାଜ ହିଁ ନିଶାମୁକ୍ତ ରାଷ୍ଟ୍ର ଗଠନର ମୂଳ ଆଧାର। ଯୁବପିଢ଼ିଙ୍କୁ ନିଶାର କବଳରୁ ମୁକ୍ତ କରି ମୁଖ୍ୟସ୍ରୋତକୁ ଫେରାଇ ଆଣିବା ସହ ନିରନ୍ତର ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଅବକାରୀ ନିରୀକ୍ଷକ ଜ୍ୟୋତିର୍ମୟୀ ପଟେଲ ହେରୋଇନ ପରି ମାରାତ୍ମକ ନିଶାଦ୍ରବ୍ୟର ଭୟାବହତା ସମ୍ପର୍କରେ ସଚେତନ କରିଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମ୍ବଳ ବ୍ୟକ୍ତି ବୈଧ ଓ ଅବୈଧ ନିଶାଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ ବୁଝାଇଥିଲେ। ଶିଶୁ ମଙ୍ଗଳ କମିଟି ପକ୍ଷରୁ ଅବୈଧ ଚୋରାଚାଲାଣରେ ଶିଶୁଙ୍କ ବ୍ୟବହାର ଉପରେ ଚିନ୍ତା ପ୍ରକାଶ କରାଯାଇଥିଲା ଏବଂ ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ଭଲ ଅଭ୍ୟାସ ଗଠନର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା ସହ ନିଶାମୁକ୍ତି ସଚେତନତା ଉପରେ ରାସ୍ତା ନାଟକ ପରିବେଷଣ କରାଯାଇଥିଲା ଏବଂ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଜିଲ୍ଲାର ମଟୁପାଲି ଓ ତରଭା ଠାରେ କାର୍ଯ୍ୟରତ ଦୁଇଟି ନିଶାମୁକ୍ତି କେନ୍ଦ୍ର ସମ୍ପର୍କରେ ସୂଚନା ଦେବା ସହ ଜାତୀୟ ନିଶାମୁକ୍ତି ହେଲ୍ପଲାଇନ୍ ୧୪୪୪୬ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ। ସେ ୨୦୪୭ ସୁଦ୍ଧା ନିଶାମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସ୍ଥିତ ପିଏମଶ୍ରୀ କଳିଙ୍ଗ ନୋଡାଲ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଶାନ୍ତ ବରାଳଙ୍କ ତତ୍ତ୍ୱାବଧାନରେ କଟକ କ୍ଲବ ରିସର୍ଟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବିଦ୍ୟାଳୟରେ ମୌଳିକ ବାତାବରଣ ସୃଷ୍ଟି କରିବା,ପରିବେଶ ସୁରକ୍ଷା ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଦିଗରେ ଆଲୋଚନା କରିଥିଲେ। ଦୂର ଦୂରାନ୍ତରରେ ରହୁଥିବା ବହୁ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜ୍ୟୋତି ମହାନ୍ତି, ସାଗର ସାମନ୍ତରାୟ, ସଂଗ୍ରାମ ସାହୁ, ଅରୁପ ଠାକୁରତା, ଧୀରଜ ମହାନ୍ତି, ଗୋକୁଳ ସାହୁ, ଲିପିପୁଷ୍ପା ମହାନ୍ତି, ତୃପ୍ତି ମହାନ୍ତି, ଜୋସ୍ନା ପଣ୍ଡା, ସୁଜାତା ସାମଲ, ପ୍ରଣତୀ ମହାପାତ୍ର, ସସ୍ମିତା ରାଉତରାୟ, ମଧୁମିତା ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ବୌଦ୍ଧରେ ନିଶାମୁକ୍ତ ଅଭିଯାନ ସଚେତନତା ଶୋଭାଯାତ୍ରା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଅବକାରୀବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣଏବଂ ଅବୈଧ ଚାଲାଣ ନିଷିଧ ଦିବସ ପାଳିତହୋଇଯାଇଛି । ଏନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତହୋଇଥିଲା । ଶୋଭାଯାତ୍ରାରେ ପ୍ଲାକାର୍ଡ ଧରି ବିଭିନ୍ନ ସଚେତନ ଧର୍ମୀ ବାର୍ତ୍ତା ନେଇ ସ୍ଥାନୀୟ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲେ । ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଶାନ, ଅବକାରୀ ଇନ୍ସପେକ୍ଟର ଦିଲ୍ଲିପ କୁମାର ଶତପଥୀ ଓ ସୁଧୀର କୁମାର ମିଶ୍ର ସବୁଜ ପତାକା ଦେଖାଇ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ସମ୍ମୁଖରୁ ସଚେତନା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଉକ୍ତଶୋଭାଯାତ୍ରାରେ ଅବକାରୀ ବିଭାଗର କର୍ମଚାରୀ ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲେ।

# ଚୌଦ୍ୱାରରେ 'ବିକାଶର ଧାରା ଓଡ଼ିଶା ସାରା'

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସଂପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ଚୌଦ୍ୱାର ପୌରପାଳିକା ତରଫରୁ ଗାନ୍ଧିଛକସ୍ଥିତ ପୌର ଟାଉନହଲ, ୧୦ନଂ ଓ୍ୱାର୍ଡ ସ୍ଥିତ ଯଯାତିକେଶରୀ କ୍ଲବ ଓ ୧୬ନଂ ଓ୍ୱାର୍ଡ ସ୍ଥିତ ବହୁମୁଖୀ ସଭାଗୃହରେ ଅନୁଷ୍ଠିତ ଉତ୍ସବ ମାନଙ୍କରେ ସ୍ଥାନୀୟ ବହୁ ସଂଖ୍ୟକ ଜନସାଧାରଣ, ବରିଷ୍ଠ ନାଗରିକ, ମିଶନ ଶକ୍ତି ଗୃପର ମହିଳା, ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜରମାନେ ଯୋଗଦେଇ ପୁରୀଠାରେ ଅନୁଷ୍ଠିତ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଦେଖିଥିଲେ । ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ବିଭିନ୍ନ ଓ୍ୱାର୍ଡର କାଉନସିଲର ଓ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଂଜୟ ସାମଲ, ଶୁଭଶ୍ରୀ ବେହେରା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ । ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିୟୁଷ କୁମାର ସାହୁ, ତପନ କୁମାର ସାହୁ, ସନ୍ତୋଷ କୁମାର ପାଣିଙ୍କ ସମେତ ସମସ୍ତ ପୌରକର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା

# ନିଶା ନିଷେଧ ପାଇଁ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସମଗ୍ରବିଶ୍ୱରେ ନିଶାସେବନ ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖାଦେଇଛି। ଏହାକୁ ରୋକାଯିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଅଛି। ଗତ ଜୁନ ୧୮ ତାରିଖରେ ଉଦଘାଟନ ହୋଇବିଶ୍ୱ ନିଶା ନିଷେଧ ଦିବସଜୁନ ୨୬ ପର୍ଯ୍ୟନ୍ତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ତରଫରୁ ଆୟୋଜିତ ନିଶାମୁକ୍ତ ପାଇଁ ଦସ୍ତଖତ ଅଭିଯାନ ଓ ଶପଥ ପାଠ ବ୍ୟକ୍ତିଗତ ଓ ସମୂହ ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ ମାନଙ୍କରେ ସମ୍ପନ୍ନ ହୋଇଛି ବିଭିନ୍ନ ଧାର୍ମିକ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ଏକ ମୋଟର ସାଇକେଲ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କିଷାନ, ଭାରତ ସ୍ୱାଭିମାନ ଟ୍ରଷ୍ଟମୁଖ୍ୟ ଦେବାଶିଷ ପୁରୋହିତ, ଗାୟତ୍ରୀ ପରିବାର ପକ୍ଷରୁଡ଼ ପ୍ରବୀରକୁମାର ଦାସ, ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ରାଜଲକ୍ଷ୍ମୀ ବିଶ୍ୱାଳ ଯୋଗ ଦେଇ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମକୁ ବିକେ ସରୋଜଭାଇ, ବିକେ ରବିଭାଇ, ବିକେ ମହେଶଭାଇ ପରିଚାଳନାକରିଥିଲେ । ବିଭିନ୍ନ ଅନୁଷ୍ଠାନର ଶତାଧିକ ଭାଇଭଉଣୀ ଯୋଗଦାନ କରିଥିଲେ।

# ହରଭଙ୍ଗାରେ 'ବିକାଶର ଧାରା ଓଡ଼ିଶାସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗାବ୍ଲକ ବନ୍ଧାପଥର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ୩ଦିନିଆ ବିକାଶରଧାରା ଓଡିଶାସାରା କାର୍ଯ୍ୟକ୍ରମ ଉଦ୍‌ଯା ପିତ ହୋଇଯାଇଛି । ଏଥିରେମୁଖ୍ୟ ଅତିଥି ଭାବରେ ବନ୍ଧାପଥର ସରପଞ୍ଚ ଶ୍ରୀମତୀଲକ୍ଷ୍ମୀ ପ୍ରିୟା ପ୍ରଧାନ ଯୋଗ ଦେଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତକାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ନାଏବ ସରପଞ୍ଚଞ୍ଚବସନ୍ତ କୁମାରଭୋଇ, କୃଷି ଗ୍ରାମ ସେବିକା କାମିନୀ ପ୍ରଧାନ, ଏଡିଇଓ ଆଲ୍‌ହାଦିନୀସାହୁ, ଯୋଗାଣସହାୟକ ବିଶ୍ୱବନ୍ଦିତା ପ୍ରଧାନ ଯୋଗ ଦେଇଥିଲେ ।ଏହିକାର୍ଯ୍ୟକ୍ରମରେ ସୁଭଦ୍ରା ଶକ୍ତିସମାବେଶ ଓ ସୁଭଦ୍ରା ଶକ୍ତିସମ୍ବାଦ ଓ ସ୍ୱଚ୍ଛଭାରତ ଅନୁଷ୍ଠିତହୋଇଥିଲା। ଏଥିରେ ସୁଭଦ୍ରା ମା ମାନେ ନିଜହାତତିଆରି ପିଠା, ଆରିସା, ମାଲପୁଆ , ପକୁଡି ଆଦି ପ୍ରସ୍ତୁତକରି ପ୍ରଦର୍ଶିତ କରିଥିଲେ । ଏହିକାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ପଞ୍ଚାୟତର ମା'ମାନେ ଯୋଗଦେଇଥିଲେ ।

# ସିପିଆଇର ଗଞ୍ଜାମ ଆଞ୍ଚଳିକ କର୍ମୀ ସମାବେଶ




**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ କଲେଜ ଛକ କଲ୍ୟାଣ ମଣ୍ଡପ ପରିସରରେ ସି. ପି. ଆଇ ଗଞ୍ଜାମ ଆଞ୍ଚଳିକ ପରିଷଦର କର୍ମୀ ସମାବେଶ ସାଥି ସଦାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ପାର୍ଟିର ଜାତୀୟ ପରିଷଦ ସଭ୍ୟ ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ି, ଜିଲ୍ଲା ସମ୍ପାଦକ ଶ୍ରୀ ହର୍ଷରଥ, ସହ ସମ୍ପାଦକ ନୀଳକଣ୍ଠ ଦାସ ଓ ପ୍ରଦୀପ ସେଠି, ଜନାର୍ଦ୍ଦନ ରେଡ଼ି, ସିମାଞ୍ଚଳ ବେହେରା, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ଦୁର୍ଗା ଚରଣ ପାତ୍ର ପ୍ରମୁଖ ମଞ୍ଚାସିନ ହୋଇ ଡବଲ ଇଂଜିନ ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଥ୍ୟା ପ୍ରଲୋଭନ ଦେଖାଇ ନିଜର ଆସନକୁ ଦୃଢ଼ୀଭୁତ କରିବା ପାଇଁ ଉଦ୍ୟମ କରିଛନ୍ତି। ତତ ସହିତ ଦେଶ ଓ ରାଜ୍ୟର ରାଜନୈତିକ ଅବସ୍ଥା, ଜନସାଧାରଣ ଙ୍କ ନଗଦ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥି ସହିତ ଚାଷୀ ଓ କ୍ଷେତ ମଜଦୁର, ଶ୍ରମିକ ମାନଙ୍କ ସମସ୍ୟା ଉପରେ ଧ୍ୟାନ ଆକର୍ଷଣ କରିବା ସହିତ ଦେଶର ସମ୍ପତିକୁ ଶାଗ ମାଛ ଦରରେ ଆଦାନୀ ଓ ଆମ୍ବାନୀ ହାତରେ ଟେକି ଦେଉଛନ୍ତି। ପାର୍ଟିକୁ ଦୃଢ଼ ଶକ୍ତି ଠିଆ କରିବା ପାଇଁ ଗଣପାଣ୍ଠି ଆଦାୟ ପାର୍ଟିକୁ ମଜଭୁତ କରିବ ବୋଲି ଜଣାଇଥିଲେ। ପାର୍ଟିକୁ ଚଳଚଞ୍ଚଳ କରିବା ପାଇଁ ଜେ ଭାସ୍କର ପାତ୍ର (ସମ୍ପାଦକ), ପ୍ରତାପ ବିଶ୍ୱାଳ ଓ ରଜନୀକାନ୍ତ ବେହେରାଙ୍କୁ ସହ ସମ୍ପାଦକ ରୂପେ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି। ବରିଷ୍ଠ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ନାୟକ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନରେ ସହଯୋଗ କରିଥିଲେ ପୂର୍ବତନ ସରପଞ୍ଚ ତୋଫାନ ନାହାକ, ୧୩ନଂ କାଉନସିଲର ନିରାକାର ବେହେରା, ୧୨ନଂ କାଉନସିଲର କ୍ଷେତ୍ର ମୋହନ ବେହେରା, କୃଷକ ନେତା ଜେ ଲୋକନାଥ ପାତ୍ର, ଗୋପାଳ ରେଡ଼ି ଚକ୍ର ପାଣି ରେଡ଼ି, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, କବି ବିଶ୍ୱାଳ, ଏମ ରାମଚନ୍ଦ୍ର ପାତ୍ର, ନରେନ୍ଦ୍ର ବେହେରା, ଏନ ମାଧବ ରାଓ, ଫକୀର ବେହେରା, ଘନଶ୍ୟାମ ନାହାକ, ରାଧା ମୋହନ ପ୍ରଧାନ, ଜଗଦୀଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ବିଏଲଓମାନଙ୍କୁ ନେଇ 'ମିନିଟ୍ ଅଫ ମିଟିଂ' କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଏଲଓ, ବିଏଲଏ ମାନଙ୍କୁ ନେଇ ସ୍ପେଶାଲ ମିନିଟ ଅଫ ମିଟିଂକାର୍ଯ୍ୟକ୍ରମ ସଂପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୋଟରତାଲିକାର ଶୁଦ୍ଧିକରଣ, ନୂତନ ଭୋଟରଙ୍କ ନାମସଂଯୋଜନ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ତଥ୍ୟ ଆଦାନ ଏବଂଯୋଗ୍ୟ ମତଦାତାଙ୍କୁ ଭୋଟରତାଲିକାରେ ସାମିଲ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।ଉପସ୍ଥିତ ଅଧିକାରୀମାନେ ବିଏଲଓ ମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବା ସହ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ଏବଂ ଆଗାମୀ ଦିନରେସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟରତାଲିକା ପ୍ରସ୍ତୁତି ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ବିଏଲଓ ଶାନୁ ମିର୍ଦ୍ଧା, ସୁପରଭାଇଜର ସୁଶୀଲ କୁମାରଭୋଇ, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର, ବିଏଲଏ ଜନକ ବାରିକ, ପ୍ରବୀଣ ନାଏକ, ସୁମନ୍ତ ପ୍ରଧାନ, ପାର୍ଥ ପ୍ରଧାନ, ସହସ୍ରାଂଶୁମିଶ୍ର, ଓ୍ୱାର୍ଡସଭ୍ୟ ବିଶ୍ୱାମିତ୍ର ବାରିକ, ମଧୁସୂଦନ ପ୍ରଧାନ, ଜୟଦେବ ମଲ୍ଲିକ, ଲକ୍ଷ୍ମଣମେହେର, ଗୋପାଳ ଅମାତ, ରୁଦ୍ର ନାରାୟଣ ମହାକୁଲ, ବେଦବ୍ୟାସ ବେହେରା, ଅଙ୍ଗନୱାଡ଼ିକର୍ମି ନିରୁପମା ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପୀର୍ ହାଜି ହବିବୁଲ୍ଲା ଶାହାଙ୍କ ଉର୍ସ ଉତ୍ସବ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମଢିଆଳ ବଳଗଣ୍ଡି ବଜାରରେ ଥିବା ହଜ୍‌ରତ ପିର୍ ହାଜି ହବିଉଲ୍ଲା ଶାହା ଙ୍କ ଉର୍ସ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳେ ଉର୍ସ କମିଟିର ସଭାପତି ସେକ୍ ଉସମାନ ଅଲ୍ଲୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସେକ୍ ଜମିରୁଦ୍ଦିନ୍, ସଭ୍ୟ ସେକ୍ ମହମ୍ମଦ ନିଆଜୁଦ୍ଦିନ୍, ସେକ୍ ଖୁର୍ସିଦ୍ ଅହମଦ୍ ରଜା, କାଜିମଦ୍ଦାର ଖ୍ୱାଜା ଦିଲ୍‌ବର, ସେକ୍ ଅନଓ୍ୱାର, ସେକ୍ ରିଜୁଓ୍ୱାନ ପ୍ରମୁଖ ଉପସ୍ଥିତ ରହି ବାବାଙ୍କ ମଜାରକୁ ଫୁଲରେ ସଜାଯାଇ ଚାଦର ଅର୍ପଣ କରାଯାଇଥିଲା। ଏଥିସହିତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବାବାଙ୍କର ଭୋଗ ବଣ୍ଟା ଯାଇଥିଲା।

# ଜିଲ୍ଲାରେ ନିଶାଦ୍ରବ୍ୟ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ଗୁରୁତ୍ୱ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ଉପଲକ୍ଷେ ଏକ ଆଲୋଚନା ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ଆଲୋଚନାରେ ଜିଲ୍ଲାରେ ଅବୈଧ ମଦ, ଗଞ୍ଜେଇ, ବ୍ରାଉନ୍ସ ସୁଗାର ବିକ୍ରିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗୁଡିକରେ ଚୋରାମଦ ବିକ୍ରି ହେଉଥିବାରୁ ଗ୍ରାମରେ ପରିବେଶ ଖରାପ୍ ହେବା ସହିତ ବରିଷ୍ଠ ନାଗରିକ, ମହିଳା ଓ ସ୍କୁଲ୍ ଛାତ୍ରଛାତ୍ରୀ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ମଦ ବିକ୍ରି ହେଉଥିବାରୁ ମଦୁଆମାନଙ୍କ ଦୌରାତ୍ମ୍ୟରେ ସାଧାରଣ ଲୋକ ଜୀବନ ପ୍ରଭାବିତ ହେଉଛି। ଏହି ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଏମାନଙ୍କୁ ଜେଲ୍ ହାଜତକୁ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ଏହି ଆଲୋଚନାରେ ଅବକାରୀ ନିରୀକ୍ଷକ ହିମାଂଶୁ ଶେଖର ମଲ୍ଲିକ, ପଦ୍ମଲୋଚନ ନାୟକ, ଉପନିରୀକ୍ଷକ ରତୁପ୍ରଭା ସ୍ୱାଇଁ, ପି. ମନସା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଶିଶୁମାନଙ୍କ ବୌଦ୍ଧିକ ବିକାଶ ନେଇ ପ୍ରୟାସ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଦ୍ୱାରା ଅଭିଭାବକ ସମ୍ମିଳନୀ ଧୋବମୁଣ୍ଡା ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ରେଆର ର ସହପ୍ରତିଷ୍ଠାତା ଅମ୍ବୁଜ ବିହାରୀ ଶତପଥୀ, ଅଭିଭାବକ ସଂଘର ସଭାପତି ସିମାଞ୍ଚଳ ଦାଶ, ସମ୍ପାଦିକା ହରିପ୍ରିୟା ପାଣିଗ୍ରାହୀ, ବୋର୍ଡ ସଦସ୍ୟା ସନ୍ତୋଷିନୀ ରାଉତ ଯୋଗଦେଇ ଭିନ୍ନକ୍ଷମ ଶିଶୁ ମାନଙ୍କ ବୃଦ୍ଧି ଓ ବିକାଶ ପାଇଁ ରେଆର ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହିତ ଥଇଥାନ କେନ୍ଦ୍ର କୁ ପ୍ରତିଦିନ ଶିଶୁ ମାନଙ୍କୁ ଆଣିବା, ଘରେ ପ୍ରତିଦିନ ଅଭ୍ୟାସ କରିବା ଓ ବିଦ୍ୟାଳୟକୁ ଯିବା ପାଇଁ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋଚନା କରଯାଇଥିଲା। ଯାତାୟାତ ର ସୁବିଧା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଉଅଥିବା ସମ୍ପର୍କରେ ସୂଚନା ପ୍ରଦାନ କରଯାଇଥିଲା। ଏହା ସହିତ ଘରେ ପ୍ରତିଦିନ ସମସ୍ତ ଅଭ୍ୟାସ କରିବା ପାଇଁ ମତାମତ ଦିଆଯାଇଥିଲା। ରେଆର ର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ପାଖରେ ରହିଥିବା ପିତାମାତାଙ୍କୁ ତଥ୍ୟ ସଂଗ୍ରହ କରିବ ପାଇଁ ସୂଚନା ଦିଆଯାଇଥିଲା ଯଦ୍ୱାରା ସମସ୍ତ ଶିଶୁ ମାନେ ସେବା ପାଇ ପାରିବେ। ଫିଜିଓ ଥେର।ପିଷ୍ଟ ପ୍ରୀତିମୟୀ ମିଶ୍ର ଡେ କେୟାର ଥେରାପି କେନ୍ଦ୍ର କୁ ଆସିବାର ଲାଭ ସମ୍ପର୍କରେ ଉପସ୍ଥାପନ କରିଥିବାବେଳେ ଆବଶ୍ୟକ ପରାମର୍ଶ ବିଷୟରେ କାଉନ୍ସଲେର ସୁରଭି ବିଶି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ରେ କୁଲୁ ଦନ୍ତା ସ୍ୱାଗତ କରିଥିବା ବେଳେ ସତ୍ୟନାରାୟଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅଭିଭାବକ ସମ୍ମିଳନୀରେ ସୋନପୁର , ବିନିକା , ଉଲୁଣ୍ଡା ବ୍ଲକ ରୁ ଅଭିଭାବକ ମାନେ ଯୋଗ ଦେଇଥିଲେ।

## ସାପ କାମୁଡ଼ାରେ ଚାଲିଗଲା ଯୁବକଙ୍କ ଜୀବନ

**କେନ୍ଦୁଝର, ନ୍ୟୁଜ**

ବିଷାକ୍ତ ସାପ କାମୁଡ଼ାରେ ଯୁବକ ମୃତ। କେନ୍ଦୁଝର ଜିଲ୍ଲା ବାରିଆ ଥାନା ଭୂଇଁପୁର ମଠଗୋଡ଼ ସାହିର ୪୦ ବର୍ଷୀୟ ବୀରବର ନାଏକଙ୍କର ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଗତକାଲି ରାତିରେ ବୀରବର ଖାଇପିଇ ନିଜ ଘର ଚଟଣାରେ ଶୋଇଥିବାବେଳେ ଏକ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା । ରାତି ପ୍ରାୟ ୩ଟାରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକଙ୍କୁ ଜଣାଇଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଫୋନ୍ ପେ ଏବଂ ଗୁଗୁଲ ପେ'କୁ ଟକ୍କର ଦେବ BHIM ଆପ୍

ଭାରତରେ ଡିଜିଟାଲ୍ ପେମେଣ୍ଟର ପରିମାଣ ନିରନ୍ତର ବୃଦ୍ଧି ପାଉଛି, ଦେଶର ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ)ରେ ପ୍ରତିଦିନ ୭୫୦ ନିୟୁତରୁ ଅଧିକ କାରବାର ହେଉଛି। ଏବେ, NPCI ଏମଡି ଏବଂ CEO ଦିଲୀପ ଆସବେ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଅନୁସାରେ, AI ୧ ବିଲିୟନ ଦୈନିକ କାରବାର ହାସଲ କରିବାରେ ଏବଂ ପରବର୍ତ୍ତୀ ୫୦୦ ନିୟୁତ ନୂତନ ଉପଭୋକ୍ତା ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। NPCI, କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାର ଏହି ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି। ଦିଲୀପଙ୍କ ମତରେ, ନୂତନ ଉପଭୋକ୍ତାଙ୍କ ପାଖରେ UPI ପହଞ୍ଚିବାରେ ସୁରକ୍ଷା ଏକ ପ୍ରମୁଖ କାରଣ ହେବ। ସେ କୁହନ୍ତି ଯେ ଠକେଇ ରୋକିବା, ନକଲି ଆକାଉଣ୍ଟ ଚିହ୍ନଟ କରିବା ଏବଂ ପୂର୍ବରୁ ଥିବା ଉପଭୋକ୍ତାଙ୍କ ସୁରକ୍ଷା ପାଇଁ AI ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯିବ। ଏହା ସହିତ ସେ ଏଆଇ ସାହାଯ୍ୟରେ ମର୍ଚ୍ଚେଣ୍ଟ ଓ ୟୁଜର୍ସଙ୍କୁ ସହଜରେ କ୍ରେଡିଟ କିମ୍ବା ଲୋନର ସୁବିଧା ଦେବା କଥା କହିଛନ୍ତି। ରିପୋର୍ଟ ଅନୁସାରେ, ଅନବୋର୍ଡିଂକୁ ସହଜ କରିବା ପାଇଁ ଭାରତୀୟ ଭାଷା ଓ ଭଏସ୍ ଆଧାରିତ ସମାଧାନ ଉପରେ ତିଆରି କରାଯାଉଛି। ରିପୋର୍ଟ ଅନୁସାରେ, ଆସବେ ବିଶ୍ୱାସ କରନ୍ତି ଯେ ବର୍ଦ୍ଧିତ ଡିଜିଟାଲ୍ କାରବାରକୁ ଦୃଷ୍ଟିରେ ରଖି, ଭାରତକୁ ଦୃଢ଼ ନିୟମାବଳୀର ଅତ୍ୟନ୍ତ ଆବଶ୍ୟକତା ଅଛି। କୌଣସି ବିସଙ୍ଗତି କିମ୍ବା ଠକେଇ କ୍ଷେତ୍ରରେ, ଉପଭୋକ୍ତା AI କୁ କେଉଁ ନିର୍ଦ୍ଦେଶ ଦେଇଥିଲେ ଏବଂ ସେମାନେ କେଉଁ କାର୍ଯ୍ୟକୁ ଅଧିକାର ଦେଇଥିଲେ ତାହା ସହଜରେ ଯାଞ୍ଚ କରାଯାଇ ହେବ ଯେ, ଏଆଇକୁ କ'ଣ ନିର୍ଦ୍ଦେଶ ଦିଆଯାଇଥିଲା ଓ କେଉଁ କାମର ମଞ୍ଜୁରୀ ଦେଇଥିଲେ। ରିପୋର୍ଟ ଅନୁଯାୟୀ, ଫିନଟେକ୍ କମ୍ପାନୀଗୁଡ଼ିକ ପାଇଁ ସ୍ମଲ ଲାଙ୍ଗୁଏଜ୍ ମଡେଲ ନିର୍ମାଣ କରିବା ପାଇଁ ଏହା ଏକ ମହାନ ସୁଯୋଗ। ଭାରତ ପାଖରେ ପୂର୍ବରୁ ପ୍ରଚୁର ପରିମାଣର ତଥ୍ୟ ଅଛି। ବ୍ୟାଙ୍କ ଏବଂ ଫିନଟେକ୍ କମ୍ପାନୀଗୁଡ଼ିକ ଏହି ତଥ୍ୟକୁ AI ଉପକରଣ ବିକଶିତ କରିବା ପାଇଁ ବ୍ୟବହାର କରିପାରିବେ। ଉଦାହରଣ ସ୍ୱରୂପ, NPCIe FIMI ମଡେଲ ପୂର୍ବରୁ ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ପେମେଣ୍ଟ ସମସ୍ୟାକୁ ମୁହୂର୍ତ୍ତକ ମଧ୍ୟରେ ସମାଧାନ କରୁଛି।

ବର୍ତ୍ତମାନ, Walmart ର PhonePe ଏବଂ Google Pay UPI ବଜାରର ୮୦ ପ୍ରତିଶତ ନିୟନ୍ତ୍ରଣ କରନ୍ତି। NPCI ବଜାରରେ ସୁସ୍ଥ ପ୍ରତିଯୋଗିତା ବଜାୟ ରଖିବାକୁ ଚାହୁଁଛି। ଏଥିପାଇଁ, ଯେକୌଣସି ଆପର ବଜାର ଅଂଶକୁ ୩୦ ପ୍ରତିଶତରେ ସୀମିତ କରିବାର ଯୋଜନା ୩୧ ଡିସେମ୍ବର, ୨୦୨୬ ରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଯଦିଓ UPI ଆପ୍ ବଦଳାଇବାର ମୂଲ୍ୟ ବହୁତ କମ୍, ଅନ୍ୟ ଖେଳାଳିମାନଙ୍କୁ ବଜାରରେ ବଞ୍ଚିବା ପାଇଁ ଏକ ବାଣିଜ୍ୟିକ ମଡେଲ୍ ଆବଶ୍ୟକ ହେବ। ଏହା ବ୍ୟତୀତ, NPCI ଏହାର BHIM ଆପକୁ ଏକ ସୁରକ୍ଷିତ ବିକଳ୍ପ ଭାବରେ ପ୍ରଚାର କରୁଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ସ୍ୱୀକୃତି**

ଶ୍ରଦ୍ଧେୟ ଭକ୍ତବୃନ୍ଦ ସାଧନାର ଶୀର୍ଷରେ ପହଞ୍ଚିଲେ ଯାଇ ଈଶ୍ୱରଙ୍କର ସ୍ୱୀକୃତି ପ୍ରାପ୍ତ ହୋଇଥାଏ । ଯେ ପର୍ଯ୍ୟନ୍ତ ସେଠାରୁ ସ୍ୱୀକୃତି ପ୍ରାପ୍ତ ନହୋଇଛି ସେ ପର୍ଯ୍ୟନ୍ତ ସାଧନା ସ୍ତରକୁ ପ୍ରତି ମୂହୁର୍ତ୍ତରେ ସମୀକ୍ଷା କର । ସନ୍ଦେହ ମନକୁ ପରିମାର୍ଜିତ କରି ମନକୁ ସରଳିକୃତ କରିଚାଲ, ଭକ୍ତି, ପ୍ରେମ, ଶ୍ରଦ୍ଧା, ସେବା ଉପରେ ନିୟନ୍ତ୍ରଣ ରଖ, ପ୍ରକୃତ ତୁମେ ସଚା ସେବକ ହେଲେବି ସେଥିପ୍ରତି ଧ୍ୟାନ ଦିଅ । ଅନ୍ତର ବାହାରର ଧ୍ୟାନକୁ କେନ୍ଦ୍ରୀଭୂତ କର । ଅଧେର୍ଯ୍ୟତାକୁ ଧ୍ୟାନ ଦିଅ ନାହିଁ । ଧୈର୍ଯ୍ୟର ଲଗାମ ଧର । ସମୟ ଭିତରେ ଶକ୍ତିର ପରାକାଷ୍ଠା ନିଦର୍ଶନ କର । ସମୟ ବା ମୂହୁର୍ତ୍ତକୁ ଯିଏ ଜୟକରେ ସେହିଁ କାଳଜୟୀ ଭକ୍ତ ।ସେହିଁ ପ୍ରକୃତରେ ଈଶ୍ୱରଙ୍କର ଦିବ୍ୟ ବିଭୂତି ରୂପକ ସ୍ୱୀକୃତି ପ୍ରାପ୍ତ ହୋଇଥାଏ । ଅନ୍ୟଥା ବୃଥା । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ସେଇ ଈଶ୍ୱର କ୍ଷେତ୍ରଜ୍ଞ୍ୟ ରୂପରେ ବସିଛନ୍ତି ତେଣୁ କ୍ଷେତ୍ରକୁ ଭୂଲିଯାଅନାହିଁ । କ୍ଷେତ୍ରର ମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖିବା ହିଁ ଶିଷ୍ୟର ଗୁରୁ ଦାୟିତ୍ୱ।

**ସମସ୍ୟା**

ସମସ୍ୟା ପ୍ରତ୍ୟେକ ଭକ୍ତ, ଶିଷ୍ୟ, ମଣିଷ, ଗୁରୁ, ଗୁରୁଜନଠାରୁ ଆରମ୍ଭକରି ରାଜ୍ୟ, ଦେଶ, ବିଦେଶ ମାନଙ୍କରେ ବି ସମସ୍ୟା ସୃଷ୍ଟି ହୋଇଚାଲିଛି । କେଉଁ ଆବହମାନ କାଳରୁ ଏହା ଏକ (ଶକ୍ତିର ଉତ୍ସ)କିନ୍ତୁ ଏହି ସମସ୍ୟା ହିଁ ସମାଧାନର ସୂତ୍ର । ସମସ୍ୟା ନଥିଲେ ସମାଧାନର ମାର୍ଗ କେଉଁଠୁ ପାଇବ ? ତେଣୁ ହେ ସୁଧିଜନ ସମସ୍ୟା ପାଇଁ ବ୍ୟସ୍ତ ନ ହୋଇ ସ୍ଥିର ହୋଇଯାଅ । ଏହାର ମୂଳକୁ ଖୋଜ, ଡାଳରେ ବୁଲି ବୁଲି ବିଭିନ୍ନ ଆଲୋଚନାକୁ ସ୍ଥଗିତ ରଖ । କାହିଁକିନା ସମସ୍ୟା ବାଟରେ ଥିବ କିନ୍ତୁ ଆମେ ଆଲୋଚନା କରି କରି ସମସ୍ୟାକୁ ଆହୁରି ଜଟିଳତା କରିଦେଇଥାଉ । କାରଣ ସମସ୍ୟା ସୂକ୍ଷ୍ମରେ ଆସେ, କିନ୍ତୁ ଆମ୍ଭେମାନେ ମୋଟା ବୁଦ୍ଧି ଦ୍ୱାରା ତାକୁ ଆଲୋଚନା କରି କରି ଜଟିଳ ଆଡକୁ ନେଇଯାଇଥାଉ। ଏ ସଂସାରରେ ଭଲ ଆଉ ମନ୍ଦ ଦୁଇଟି ପଥ। ପ୍ରଥମେ ନିଜକୁ ଆୟତ୍ତ କର, ସଂଯମତା ରକ୍ଷା କରି ସମସ୍ୟାର ପର୍ଯ୍ୟବେକ୍ଷଣ କର, କାହିଁକି ଏପରି ଉପୁଜୁଛି। ଏହାର ମୂଳ ମନ୍ତ୍ର କେଉଁଠି ଅଛି । ତୁମର ଦାୟିତ୍ୱ ହୀନତା, କର୍ତ୍ତବ୍ୟ ହୀନତା,ଆଳସ୍ୟତା, ଅତ୍ୟଧିକ ଗପସପ ଉପରେ ନିଜକୁ ନିଜେ ସମୀକ୍ଷା କର। ଦେଖିବ ତୁମେ ହିଁ ତାର ମୂଳ ପାଖରେ ପହଞ୍ଚିଯାଇଥିବ । କିନ୍ତୁ ତୁମକୁ ଜଣାନଥିବା ତେଣୁ ସ୍ଥିରତାହିଁ ସମସ୍ୟାକୁ ସାଧ୍ୟ କରିବାର ସୁଯୋଗ ଦେଇଥାଏ । ତେଣୁ ହେ ଭକ୍ତ ସମସ୍ୟା ପାଇଁ ବିଚଳତାକୁ ଅଗ୍ରାଧିକାର ନଦେଇ ସ୍ଥିରତାକୁ ଭୂଷଣ କର । ଦେଖିବ ସମାଧାନର ପଥ ସୁଗମ ନିଶ୍ଚୟ ହୋଇଯିବ । ଏହାହିଁ ଈଶ୍ୱରଙ୍କର ବାଣୀ । ହରି ଓଁ । **(କ୍ରମଶଃ...)**

# ମହାପ୍ରଭୁଙ୍କ ମାନବୀୟ ଲୀଳା ଦେବସ୍ନାନ ପୂର୍ଣ୍ଣିମା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ,
ଯାଜପୁର



ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଶାର ପ୍ରାଣକେନ୍ଦ୍ର, ଓଡ଼ିଆ ଜାତିର ଅସ୍ମିତା ଓ ଆଧ୍ୟାତ୍ମିକତାର ମହାସମୁଦ୍ର । ଏହି ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନ କରାଯାଉଥିବା ବେଳେ, ସେଥିମଧ୍ୟରୁ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ହେଉଛି ଅନ୍ୟତମ ପ୍ରଧାନ, ଆଦ୍ୟ ଓ ରହସ୍ୟମୟ ଉତ୍ସବ । ଜ୍ୟେଷ୍ଠ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଭବ୍ୟ ମହୋତ୍ସବ ଅନୁଷ୍ଠିତ ହୁଏ । ଏହା କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଅଧ୍ୟାୟ । ଏହି ଦିନ ଚତୁର୍ଦ୍ଧାମୂର୍ତ୍ତି (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ) ରତ୍ନବେଦୀ ଛାଡ଼ି ଶ୍ରୀମନ୍ଦିରର ସ୍ନାନବେଦୀକୁ ବିଜେ କରନ୍ତି ଏବଂ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରନ୍ତି । ଶ୍ରୀଜଗନ୍ନାଥଙ୍କ ପ୍ରତିଟି ଲୀଳା ପଛରେ କିଛି ନା କିଛି ପୌରାଣିକ ଆଖ୍ୟାନ ରହିଥାଏ । ସ୍ନାନ ପୂର୍ଣ୍ଣିମା ସମ୍ପର୍କରେ ମଧ୍ୟ ଶାସ୍ତ୍ର ଓ ପୁରାଣରେ ସୁନ୍ଦର ବର୍ଣ୍ଣନା କରାଯାଇଛି । ସ୍କନ୍ଦ ପୁରାଣ, ଉତ୍କଳ ଖଣ୍ଡ ଅନୁସାରେ, ଜ୍ୟେଷ୍ଠ ପୂର୍ଣ୍ଣିମା ହେଉଛି ସ୍ୱୟଂ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଦିବସ ବା ଜନ୍ମତିଥି । ସତ୍ୟଯୁଗରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଦାରୁବ୍ରହ୍ମଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ, ସେହି ଶୁଭ ଦିନଟି ଥିଲା ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା । ତେଣୁ ଏହି ଦିନକୁ ମହାପ୍ରଭୁଙ୍କ ପ୍ରଥମ ପ୍ରତିଷ୍ଠା ଦିବସ ବା 'ଜନ୍ମୋତ୍ସବ' ଭାବେ ପାଳନ କରାଯାଏ । ମାନବୀୟ ପରମ୍ପରାରେ ଜନ୍ମଦିନରେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରିବାର ଯେଉଁ ନିୟମ ଅଛି, ତାହାକୁ ରକ୍ଷା କରି ମହାପ୍ରଭୁ ଏହିଦିନ ମହାସ୍ନାନ କରନ୍ତି । ଅନ୍ୟ ଏକ ମତ ଅନୁସାରେ, ଦ୍ୱାପର ଯୁଗରେ ଏହି ତିଥିରେ ଶ୍ରୀକୃଷ୍ଣଙ୍କର ମହାଭିଷେକ ହୋଇଥିଲା । ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀକ୍ଷେତ୍ରରେ ପୁରୁଷୋତ୍ତମଙ୍କର ଏହି ସ୍ନାନ ଯାତ୍ରା କରାଯାଇଥାଏ । ଗବେଷକମାନଙ୍କ ମତରେ, ଏହା ଶ୍ରୀମନ୍ଦିରର ସବୁଠାରୁ ପ୍ରାଚୀନ ଉତ୍ସବ, ଯାହା ରଥଯାତ୍ରାର ଆଦ୍ୟପର୍ବ ଅଟେ । ସ୍ନାନ ପୂର୍ଣ୍ଣିମା ପାଇଁ କାର୍ଯ୍ୟକ୍ରମ ବହୁ ପୂର୍ବରୁ ଆରମ୍ଭ ହୋଇଯାଏ । ଏଥିପାଇଁ ବିଶେଷ ଭାବରେ ସ୍ନାନବେଦୀକୁ ପ୍ରସ୍ତୁତ କରାଯାଏ । ଶ୍ରୀମନ୍ଦିରର ଆନନ୍ଦବଜାର ପାର୍ଶ୍ୱରେ, ବାହାର ବେଢ଼ାର ପୂର୍ବ-ଉତ୍ତର କୋଣରେ ଏକ ଉଚ୍ଚ ମଣ୍ଡପ ରହିଛି, ଯାହାକୁ 'ସ୍ନାନବେଦୀ' ବା 'ସ୍ନାନମଣ୍ଡପ' କୁହାଯାଏ । ଏହି ବେଦୀଟି ଏପରି ସ୍ଥାନରେ ନିର୍ମିତ, ଯେପରି ମନ୍ଦିର ବାହାରେ ଥିବା ବଡ଼ଦାଣ୍ଡରୁ ମଧ୍ୟ ଭକ୍ତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସହଜରେ ଦର୍ଶନ କରିପାରିବେ । ଏହି ବେଦୀକୁ ସୁନ୍ଦର କପଡ଼ା, ଫୁଲ ଓ ପତ୍ରରେ ସଜ୍ଜିତ କରାଯାଏ ।

ସ୍ନାନଯାତ୍ରାର ପୂର୍ବ ଦିନ (ଚତୁର୍ଦ୍ଦଶୀ ତିଥିରେ) ଶ୍ରୀମନ୍ଦିରର ଉତ୍ତର ଦୁଆର ନିକଟରେ ଥିବା ପବିତ୍ର 'ସୁନା କୂଅ'ରୁ ବାରିକ ସେବାୟତମାନଙ୍କ ଦ୍ୱାରା ଜଳ ଅଣାଯାଏ । ଏହି କୂଅ ବର୍ଷସାରା ବନ୍ଦ ରହେ ଏବଂ କେବଳ ଏହି ଦିନ ଖୋଲାଯାଏ । ଗରାବଡୁ ସେବାୟତମାନେ ୧୦୮ଟି ସୁବର୍ଣ୍ଣ ଓ ତାମ୍ର କଳସରେ ଜଳ ଆଣି ଅଧିବାସ ଗୃହରେ ରଖନ୍ତି । ଏହି ଜଳକୁ ଗଙ୍ଗାଜଳ, ଚନ୍ଦନ, ଅଗୁରୁ, ଚୁଆ, କର୍ପୂର ଓ ଜାଇଫଳ ଆଦି ସୁବାସିତ ଦ୍ରବ୍ୟ ଦ୍ୱାରା ସଂସ୍କାର କରାଯାଏ । ସ୍ନାନ ପୂର୍ଣ୍ଣିମା ଦିନ ପ୍ରାତଃକାଳରୁ ଶ୍ରୀମନ୍ଦିରରେ ଚଳଚଞ୍ଚଳ ପରିବେଶ ସୃଷ୍ଟି ହୁଏ । ଲକ୍ଷ ଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ । ଏହି ଦିନର ପ୍ରମୁଖ ରୀତିଗୁଡ଼ିକ କ୍ରମାନ୍ୱୟରେ ହୋଇଥାଏ । ପ୍ରଥମ ପହଣ୍ଡି ବିଜେ ହୋଇଥାଏ ଯାହା ସ୍ନାନଯାତ୍ରାର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ । ବ୍ରାହ୍ମମୁହୂର୍ତ୍ତରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପରେ 'ଧାଡ଼ି ପହଣ୍ଡି' ଆରମ୍ଭ ହୁଏ । ଦଇତାପତି ସେବାୟତମାନଙ୍କ ସହାୟତାରେ ରତ୍ନବେଦୀରୁ ବିଗ୍ରହମାନଙ୍କୁ ସ୍ନାନବେଦୀକୁ ଅଣାଯାଏ। ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ କଳାଶ୍ରୀମୁଖ ଶ୍ରୀଜଗନ୍ନାଥ ମହାପ୍ରଭୁ ଝୁଲି ଝୁଲି ପହଣ୍ଡିରେ ଆସନ୍ତି । ଠାକୁରମାନଙ୍କ ମସ୍ତକରେ ସୁନ୍ଦର 'ଟାହିଆ' (ଫୁଲ ଓ ବାଉଁଶରେ ତିଆରି ମୁକୁଟ) ଶୋଭା ପାଉଥାଏ । ଘଣ୍ଟ, କାହାଳୀ, ମର୍ଦ୍ଦଳର ତାଳେ ତାଳେ ପ୍ରଭୁଙ୍କ ଏହି ଯାତ୍ରା ଅତ୍ୟନ୍ତ ମନୋରମ ହୋଇଥାଏ । ତାପରେ ସ୍ନାନବେଦୀରେ ବିଗ୍ରହମାନେ ବିରାଜମାନ କରିବା ପରେ ମଙ୍ଗଳାର୍ପଣ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା କରାଯାଏ । ଏହାପରେ ଆରମ୍ଭ ହୁଏ ବହୁ ପ୍ରତିକ୍ଷିତ 'ଅଭିଷେକ' ବା ସ୍ନାନ ରୀତି । ଶାସ୍ତ୍ରୀୟ ନିୟମ ଅନୁସାରେ ୧୦୮ କଳସ ସୁବାସିତ ଜଳ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଏ । ଶ୍ରୀଜଗନ୍ନାଥ ମହାପ୍ରଭୁ ୩୫ କଳସ, ଶ୍ରୀବଳଭଦ୍ର ୩୩ କଳସ, ଦେବୀ ସୁଭଦ୍ରା ୨୨ କଳସ, ଶ୍ରୀସୁଦର୍ଶନ ୧୮ କଳସ ଯାହା ସର୍ବମୋଟ ୧୦୮ କଳସ ହୋଇଥାଏ। ଏହି ସ୍ନାନ ସମୟରେ ବେଦପାଠ ଓ ହରିବୋଲ ଧ୍ୱନିରେ ସାରା ବଡ଼ଦାଣ୍ଡ ମୁଖରିତ ହୋଇଉଠେ। ବିଶ୍ୱାସ କରାଯାଏ ଯେ ଏହି ପବିତ୍ର ସ୍ନାନ ଦର୍ଶନ କଲେ ମନୁଷ୍ୟର ସମସ୍ତ ପାପ ଧୋଇଯାଏ । ଏହାପରେ ହୋଇଥାଏ ଗଜାନନ ବେଶ ଯାହା ସ୍ନାନଯାତ୍ରାର ଅନ୍ୟତମ ଶ୍ରେଷ୍ଠ ଆକର୍ଷଣ ଦିଗ ଯାହାକୁ ମହାପ୍ରଭୁଙ୍କର ହାତୀବେଶ ମଧ୍ୟ କୁହଯାଏ । ସ୍ନାନ ପରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ଗଣେଶଙ୍କ ରୂପରେ ସଜ୍ଜିତ କରାଯାଏ ଏବଂ ଦେବୀ ସୁଭଦ୍ରାଙ୍କୁ ପଦ୍ମବେଶରେ ଭୂଷିତ କରାଯାଏ ।

ସ୍ନାନ ପୂର୍ଣ୍ଣିମାର ସବୁଠାରୁ ରହସ୍ୟମୟ ଏବଂ ମାନବୀୟ ଅଧ୍ୟାୟ ହେଉଛି 'ଅଣସର' ବା 'ଅନବସର'। ୧୦ କଳସର ଶୀତଳ ଜଳରେ ସ୍ନାନ କରିବା ପରେ, ମାନବୀୟ ଲୀଳା ପ୍ରଦର୍ଶନ ପୂର୍ବକ ମହାପ୍ରଭୁଙ୍କୁ ଜ୍ୱର ହୁଏ। ଏହାପରେ ଅଣସର ପର୍ଚ୍ଚି କାର୍ଯ୍ୟକ୍ରମ ହୋଇଥାଏ-। ଏହି ସମୟରେ ମହାପ୍ରଭୁ ସର୍ବସାଧାରଣ ଦର୍ଶନରୁ ଦୂରେଇ ରହନ୍ତି । ସ୍ନାନବେଦୀରୁ ଓହ୍ଲାଇ ଠାକୁରମାନେ ଶ୍ରୀମନ୍ଦିରର ଭିତର ଗମ୍ଭୀରାରେ ଥିବା 'ଅଣସର ପିଣ୍ଡି'କୁ ବିଜେ କରନ୍ତି । ସେଠାରେ ବାଉଁଶର ତାଟି ପକାଯାଇ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯାଏ, ଯାହାକୁ ଅଣସର ଘର କୁହାଯାଏ । ଅଣସର ସମୟରେ ମନ୍ଦିରର ମୁଖ୍ୟ ପୂଜକ କିମ୍ବା ବ୍ରାହ୍ମଣମାନେ ପ୍ରଭୁଙ୍କ ପୂଜା କରନ୍ତି ନାହିଁ। ଏହି ସମୟରେ କେବଳ ଦଇତାପତି ସେବାୟତମାନେ (ଯେଉଁମାନେ ଶବର ରାଜା ବିଶ୍ୱାବସୁଙ୍କ ବଂଶଧର ବୋଲି ମନାଯାଏ ) ମହାପ୍ରଭୁଙ୍କ ଗୁପ୍ତ ସେବା ଓ ଚିକିତ୍ସା କରନ୍ତି । ପ୍ରଭୁଙ୍କ ଜ୍ୱର ଉପଶମ ପାଇଁ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ 'ଦଶମୂଳ ମୋଦକ' (ଔଷଧ) ଏବଂ 'ଫୁଲୁରୀ ତେଲ' (ଔଷଧୀୟ ତେଲ) ଶ୍ରୀଅଙ୍ଗରେ ଲାଗି କରାଯାଏ । ଏହି ୧୫ ଦିନ ଠାକୁରମାନଙ୍କୁ କୌଣସି ଅନ୍ନ ଭୋଗ ଅର୍ପଣ କରାଯାଏ ନାହିଁ, କେବଳ ଚକଟା ଭୋଗ ଏବଂ ପଣା ଅର୍ପଣ କରାଯାଏ । ମହାପ୍ରଭୁ ଅଣସରରେ ଥିବା ବେଳେ ଭକ୍ତମାନେ ଶ୍ରୀମନ୍ଦିରରେ ତାଙ୍କୁ ଦର୍ଶନ କରିପାରନ୍ତି ନାହିଁ । ତେଣୁ ଏହି ସମୟରେ ପୁରୀ ନିକଟସ୍ଥ ବ୍ରହ୍ମଗିରିରେ ଅବସ୍ଥିତ ଶ୍ରୀଅଲାରନାଥ (ଚତୁର୍ଭୁଜ ନାରାୟଣ)ଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି । ବିଶ୍ୱାସ କରାଯାଏ ଯେ ଅଣସର ସମୟରେ ଅଲାରନାଥଙ୍କୁ ଦର୍ଶନ କଲେ ସ୍ୱୟଂ ଜଗନ୍ନାଥଙ୍କୁ ଦର୍ଶନ କରିବାର ପୁଣ୍ୟ ମିଳେ । ମହାପ୍ରଭୁ ଚୈତନ୍ୟ ଦେବ ମଧ୍ୟ ଏହି ସମୟରେ ଅଲାରନାଥଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇଯାଇଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଦା ସମାନତା, ଭାତୃଭାବ ଓ ଜୀବନର ସତ୍ୟକୁ ପ୍ରତିପାଦିତ କରେ। ସ୍ନାନ ପୂର୍ଣ୍ଣିମାର ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି। ସ୍ନାନ ପୂର୍ଣ୍ଣିମା ଏବଂ ତା' ପରବର୍ତ୍ତୀ ଅଣସର ଲୀଳା ଦର୍ଶାଏ ଯେ ଜଗନ୍ନାଥ କେବଳ ପାଷାଣ ବା ଦାରୁର ଏକ ମୂର୍ତ୍ତି ନୁହନ୍ତି, ସେ ହେଉଛନ୍ତି ଜୀବନ୍ତ ଦେବତା । ସାଧାରଣ ମଣିଷ ପରି ସେ ସ୍ନାନ କରନ୍ତି, ରୋଗାକ୍ରାନ୍ତ ହୁଅନ୍ତି, ଔଷଧ ସେବନ କରନ୍ତି ଏବଂ ସୁସ୍ଥ ମଧ୍ୟ ହୁଅନ୍ତି। ଏହା ମାନବ ଜୀବନର ସୁଖ-ଦୁଃଖକୁ ସମ୍ମାନ ଜଣାଇବାର ଏକ ଅନନ୍ୟ ଉଦାହରଣ । ଶ୍ରୀମନ୍ଦିରର ରୀତିନୀତିରେ ଜାତିପ୍ରଥାର କୌଣସି ସ୍ଥାନ ନାହିଁ । ସ୍ନାନଯାତ୍ରା ପରେ ଶବର ବଂଶଜ ଦଇତାପତିମାନେ ଠାକୁରଙ୍କ ସମସ୍ତ ଗୁପ୍ତ ସେବା କରନ୍ତି । ଏହା ସମାଜକୁ ବାର୍ତ୍ତା ଦିଏ ଯେ ଭଗବାନଙ୍କ ନିକଟରେ ସମସ୍ତେ ସମାନ, ସେଠାରେ ବ୍ରାହ୍ମଣ ଓ ଜନଜାତିଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତା ପରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଏହି ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଏହା ବର୍ଷା ଋତୁର ଆଗମନକୁ ସୂଚିତ କରେ । ପ୍ରକୃତିର ଏହି ପରିବର୍ତ୍ତନ ସହ ଖାପଖୁଆଇ ମହାପ୍ରଭୁ ଶୀତଳ ଜଳରେ ସ୍ନାନ କରି ସମାଜକୁ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଦିଅନ୍ତି। ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ହେଉଛି ଆନନ୍ଦ, ଭକ୍ତି, ରହସ୍ୟ ଏବଂ ମାନବୀୟ ସମ୍ପର୍କର ଏକ ମହାମିଳନ । ଏହି ଉତ୍ସବ କେବଳ ପୁରୀ ଶ୍ରୀକ୍ଷେତ୍ରରେ ସୀମିତ ନୁହେଁ, ବରଂ ସାରା ବିଶ୍ୱରେ ଥିବା ଜଗନ୍ନାଥ ମନ୍ଦିରଗୁଡ଼ିକରେ ଅତ୍ୟନ୍ତ ନିଷ୍ଠାର ସହ ପାଳିତ ହୁଏ । ବଡ଼ଦାଣ୍ଡର ଜନସମୁଦ୍ର, ମହାପ୍ରଭୁଙ୍କ ହାତୀ ବେଶ ଏବଂ ଭକ୍ତମାନଙ୍କ ଆଖିରୁ ଝରିପଡୁଥିବା ଆନନ୍ଦାଶ୍ରୁ ଓଡ଼ିଆ ସଂସ୍କୃତିର ମହାନତାକୁ ପ୍ରତିପାଦିତ କରେ । ସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁଙ୍କ ଅଣସର ଲୀଳା ଭକ୍ତକୁ ଅପେକ୍ଷା କରିବା ଶିଖାଏ । ଏହି ୧୫ ଦିନର ବିରହ ପରେ ଯେତେବେଳେ ପ୍ରଭୁ 'ନବଯୌବନ' ରୂପରେ ଦର୍ଶନ ଦିଅନ୍ତି ଏବଂ ରଥଯାତ୍ରାରେ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି, ସେତେବେଳେ ଭକ୍ତିର ଜୁଆର ସବୁ ସୀମା ପାର ହୋଇଯାଏ । ସ୍ନାନ ପୂର୍ଣ୍ଣିମା ହିଁ ପ୍ରକୃତରେ ସେହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ମୂଳଦୁଆ ଅଟେ । ଜଗତର ନାଥ ଜଗନ୍ନାଥଙ୍କର ଏହି ଅଲୌକିକ ଲୀଳା ଚିରନ୍ତନ, ଅନାଦି ଓ ଅନନ୍ତ ।

# ଦିବ୍ୟ ସ୍ନାନଯାତ୍ରାର ପୌରାଣିକ ଦୃଷ୍ଟାନ୍ତ



ହେମନ୍ତ କୁମାର ଗନ୍ତାୟତ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ
ମହାବିଦ୍ୟାଳୟ, ଅଧ୍ୟାପକ
କବିସୂର୍ଯ୍ୟ ନଗର
ମୋ-୯୮୬୧୩୩୪୮୬୮



ବିଶ୍ୱ ବ୍ରହ୍ମାଣ୍ଡର ନିୟନ୍ତା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହେଉଛନ୍ତି ଜୀବନ୍ତ ଠାକୁର। ସେ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ ଧାମରେ ରହି ମାନବୀୟ ଲୀଳା କରି ଚାଲିଛନ୍ତି। ମନୁଷ୍ୟ ଯେପରି ନିତ୍ୟ ନୈମିତ୍ତିକ କର୍ମ କରିଥାଏ, ସେପରି ମହାପ୍ରଭୁ ମଧ୍ୟ ସେବକ ମାନଙ୍କ ମାଧ୍ୟମରେ କରନ୍ତି। ଯେଭଳି ମୁଖ ପ୍ରକ୍ଷାଳନ ବା ଅବକାଶ ନୀତି ଠାରୁ ଆରମ୍ଭ କରି ରାତ୍ରି ଶୟନ ବା ପୌଢ଼ ନୀତି ପର୍ଯ୍ୟନ୍ତ ସମସ୍ତ କର୍ମାଦିମାନ। ମଣିଷ ଯେପରି ଶରୀର ତ୍ୟାଗ କରିଥାଏ ଏବଂ ତା'ର ଆତ୍ମା ଘଟ ପରିବର୍ତ୍ତନ କରେ, ସେଭଳି ଦାରୁବ୍ରହ୍ମଙ୍କ ବ୍ରହ୍ମ ପରିବର୍ତ୍ତନ ହେବା ସହ ନବକଳେବର ମଧ୍ୟ ହୋଇଥାଏ। ଭକ୍ତ ବିନୋଦିଆ ପ୍ରଭୁ ଭକ୍ତଙ୍କ ନିମନ୍ତେ , ସେ ବର୍ଷର ବାର ମାସରେ ତେର ଯାତ୍ରା କରିଥାନ୍ତି। ଯାହାକୁ ଦ୍ୱାଦଶ ଯାତ୍ରା କୁହାଯାଏ। ସେଥିମଧ୍ୟରୁ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା ଅନ୍ୟତମ। ଏହା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇଥାଏ।

ଏହି ସ୍ନାନଯାତ୍ରାର ବିଶେଷତ୍ୱ ପବିତ୍ର ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମାହାତ୍ମ୍ୟ, ବ୍ରହ୍ମ ପୁରାଣ ଓ ପଦ୍ମ ପୁରାଣାଦିରେ ବର୍ଣ୍ଣିତ ହୋଇଛି। ଉକ୍ତ ପୁରାଣ ଗୁଡିକରେ ଏହାର ଅଲୌକିକ ମହିମା ସମ୍ପର୍କରେ ବିସ୍ତୃତ ଭାବେ ଦେଖିବାକୁ ମିଳେ। ଯେପରି ସ୍କନ୍ଦ ପୁରାଣର 'ଉତ୍କଳ ଖଣ୍ଡ' ଅନୁଯାୟୀ, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କ ଶ୍ରୀବିଗ୍ରହ ପ୍ରତିଷ୍ଠା କରିଥିଲେ ଏବଂ ସ୍ୱୟଂ ବ୍ରହ୍ମା ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଭୁଙ୍କର ପ୍ରଥମ ଜଳାଭିଷେକ ବା ସ୍ନାନଯାତ୍ରା ସମ୍ପନ୍ନ କରିଥିଲେ ବୋଲି କୁହାଯାଇଛି। ଏହାର ମହିମା ବିଷୟରେ ବର୍ଣ୍ଣିତ ହୋଇଛି ଯେ:

ଜ୍ୟେଷ୍ଠସ୍ୟ ଶୁକ୍ଳପକ୍ଷେ ତୁ
ପୂର୍ଣ୍ଣିମାୟାଂ ଦ୍ୱିଜୋତ୍ତମାଃ।
ସୁସ୍ନାତଂ ସର୍ବତୀର୍ଥୌଘୈଃ ପଶ୍ୟେତ
ପୁରୁଷୋତ୍ତମମ୍
ସର୍ବପାପ ବିନିର୍ମୁକ୍ତଃ ସ ଗଚ୍ଛେଦ୍
ବୈଷ୍ଣବଂ ପଦମ୍।
ଅଶ୍ୱମେଧସହସ୍ରସ୍ୟ ଫଳଂ
ପ୍ରାପ୍ନୋତି ନିଶ୍ଚିତମ୍

ଅର୍ଥାତ୍ ହେ ଶ୍ରେଷ୍ଠ ଦ୍ୱିଜଗଣ (ବ୍ରାହ୍ମଣମାନେ) ! ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ସମସ୍ତ ପବିତ୍ର ତୀର୍ଥର ଜଳରେ ସ୍ନାନ କରିଥିବା ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ)ଙ୍କୁ ଯିଏ ଦର୍ଶନ କରେ, ସେ ନିଜର ସମସ୍ତ ପାପରୁ ମୁକ୍ତିଲାଭ କରି ଶେଷରେ ବିଷ୍ଣୁଲୋକ (ବୈକୁଣ୍ଠ)କୁ ପ୍ରାପ୍ତ ହୁଏ। ଏଥି ସହ ସେ ନିଶ୍ଚିତ ଭାବରେ ଏକ ହଜାର ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତି କରିଥାଏ।

ପ୍ରସିଦ୍ଧ ବ୍ରହ୍ମ ପୁରାଣରେ ଶ୍ରୀକ୍ଷେତ୍ର ଓ ସ୍ନାନବେଦୀର ଅଲୌକିକ ପ୍ରଭାବକୁ ବର୍ଣ୍ଣନା କରିବା ସହ କୁହାଯାଇଛି ଯେ,ଏହି ସ୍ନାନଯାତ୍ରା ଦିନ ଶ୍ରୀମନ୍ଦିରର 'ସୁନା କୂଅ'ରୁ ପବିତ୍ର ୧୦୮ ଗୋଟି ଗରା ଜଳ ଆସିଥାଏ। ତାହା ଅଧିବାସ ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଏ। ଯାଫଳରେ ସଂସାରର ସମସ୍ତ ପ୍ରାଣୀମାନେ ଶୀତଳତା ପାଇଥାନ୍ତି। ତା'ସହ ପାବନ ଜନ୍ମୋତ୍ସବ ଉପରେ ମଧ୍ୟ ରଚନା କରାଯାଇଛି:

ଦେବ ଦେବ ଜଗନ୍ନାଥ
ସଂସାରାର୍ଣ୍ଣବତାରକ।
ଜ୍ୟେଷ୍ଠେ ମାସି ସିତେ ପକ୍ଷେ
ପୂର୍ଣ୍ଣିମାୟାଂ ଶୁଭେ
ଦିନେ ?ଅବତୀର୍ଣ୍ଣୋଽସି ଜଗତୀ
ମାନୁଷଂ ବପୁରାଶ୍ରିତଃ।
ତସ୍ମାତ୍ତ୍ୱାଂ ପୂଜୟିଷ୍ୟାମି ସ୍ନାନଯାତ୍ରା
ମହୋତ୍ସବୈଃ

ଏହାର ଅର୍ଥ ହେ ଦେବଦେବ ! ହେ ଜଗନ୍ନାଥ ! ଆପଣ ଏ ସଂସାର ରୂପକ ସମୁଦ୍ରରୁ ଉଦ୍ଧାର କରୁଥିବା ତାରକ ବ୍ରହ୍ମ ଅଟନ୍ତି। ଆପଣ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଶୁଭ ପୂର୍ଣ୍ଣିମା ଦିନ ଏହି ପୃଥିବୀ ପୃଷ୍ଠରେ ମାନବୀୟ ଲୀଳା କରିବା ପାଇଁ ଦାରୁବ୍ରହ୍ମ ସ୍ୱରୂପରେ ଆବିର୍ଭୂତ ହୋଇଥିଲେ। ତେଣୁ ଆପଣଙ୍କର ଏହି ଜନ୍ମୋତ୍ସବକୁ ସ୍ନାନଯାତ୍ରା ମହୋତ୍ସବ ଭାବେ ପାଳନ କରାଯାଉଛି।

ପଦ୍ମ ପୁରାଣ ଏବଂ ବାମଦେବ ସଂହିତା ଅନୁଯାୟୀ, ଶ୍ରୀଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ ଏବଂ ସ୍ନାନମଣ୍ଡପକୁ 'ମୁକ୍ତି ମଣ୍ଡପ' ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି ଗଣନା କରାଯାଇଛି। ସ୍ନାନବେଦୀରେ ପ୍ରଭୁମାନଙ୍କୁ ଦର୍ଶନ କଲେ , ମନୁଷ୍ୟ ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତି ପାଇଥାଏ ବୋଲି କୁହାଯାଇଛି:

ସ୍ନାନମଣ୍ଡପସଂସ୍ଥଂ ତୁ ଦୃଷ୍ଟ୍ୱା ଦେବଂ
ଜଗଦ୍ଗୁରୁମ୍।
ନରୋ ମୁକ୍ତିମବାପ୍ନୋତି କିଂ
ପୁନଶ୍ଚାଭିଷେଚନମ୍

ଅର୍ଥାତ୍ ସ୍ନାନ ମଣ୍ଡପରେ ବିରାଜମାନ ଜଗଦ୍‌ଗୁରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚର୍ମ ଚକ୍ଷୁରେ ଦର୍ଶନକଲେ ଜୀବ ମୁକ୍ତିଲାଭ କରିଥାଏ, ଏହି ଦିବ୍ୟ ଅଭିଷେକ ବା ସ୍ନାନରୂପ ଦର୍ଶନର ମହିମା କେତେ ଯେ ଅପାର, ତାକୁ ଭାଷାରେ କହିବା ଏକ ଦୂରୁହ ବ୍ୟାପାର।

ଶାସ୍ତ୍ରୀୟ ମତ ଅନୁଯାୟୀ, କୌଣସି ପୂଜା ବା ଶୁଭ କାର୍ଯ୍ୟର ଆରମ୍ଭରେ ପ୍ରଥମେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜନର ବିଧାନ ରହିଛି। କାରଣ ସେ ହେଉଛନ୍ତି ବିଘ୍ନହର୍ତ୍ତା। ଶ୍ରୀମନ୍ଦିରର ବାର୍ଷିକ ଯାତ୍ରା ଚକ୍ର, ସ୍ନାନଯାତ୍ରାରୁ ହିଁ ଆରମ୍ଭ ହୋଇଥାଏ । ତେଣୁ ସାରା ବିଶ୍ୱକୁ ଶୁଭାଶିଷ ପ୍ରଦାନ କରିବା ଏବଂ ସମସ୍ତଙ୍କର ବିଘ୍ନ ନାଶ କରିବା ପାଇଁ ମହାପ୍ରଭୁ ପ୍ରଥମ ଯାତ୍ରାରେ ଗଜାନନ ରୂପ ଧାରଣ କରନ୍ତି । ଏହି ବେଶରେ ପ୍ରଭୁ ଶ୍ରୀଜଗନ୍ନାଥ କଳା ହାତୀ ରୂପରେ, ପ୍ରଭୁ ବଳଭଦ୍ର ଧଳା ହାତୀ ରୂପରେ ଏବଂ ମା' ସୁଭଦ୍ରା ପଦ୍ମଫୁଲ ବେଶରେ ସୁସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଉକ୍ତ ବେଶର ହାତୀ ଶୁଣ୍ଢ ଓ କାନ ନିର୍ମାଣ ପାଇଁ ଆବଶ୍ୟକ ପଡେ ସୋଲ, କନା ଏବଂ ବାଉଁଶ ବତା। ଯାହାକୁ ରାଘବଦାସ ମଠ ଏବଂ ଗୋପାଳତୀର୍ଥ ମଠ ସମ୍ପୂର୍ଣ୍ଣ ନିଷ୍ଠାର ଭାବେ ପ୍ରସ୍ତୁତ କରିଥାନ୍ତି। ଏହି ବେଶ ପ୍ରମାଣିତ କରେ ଯେ, ସ୍ୱୟଂ ଶ୍ରୀ ଜଗନ୍ନାଥ ହିଁ ସର୍ବଦେବମୟ ଏବଂ ସେ ସବୁ ସଂପ୍ରଦାୟର ଭକ୍ତଙ୍କୁ ଆପଣେଇ ନିଅନ୍ତି ।

ଏହି ସର୍ବଦେବମୟ ସ୍ୱରୂପକୁ ବର୍ଣ୍ଣନା କରିବାକୁ ଯାଇ ସ୍କନ୍ଦ ପୁରାଣ ଅନ୍ତର୍ଗତ ଉତ୍କଳ ଖଣ୍ଡରେ କୁହା ଯାଇଛି ଯେ:

ଜଗନ୍ନାଥଃ ସ୍ୱୟଂ ବ୍ରହ୍ମା, ବଳଭଦ୍ରୋ
ମହେଶ୍ୱରଃ ।
ସୁଭଦ୍ରା ସ୍ୱୟଂ ଶକ୍ତିଃ, ଗଜାନନସ୍ତୁ
ସର୍ବମୟଃ ।।

ଅର୍ଥାତ୍ ଶ୍ରୀଜଗନ୍ନାଥ ସ୍ୱୟଂ ବ୍ରହ୍ମା ଓ ବିଷ୍ଣୁ, ବଳଭଦ୍ର ମହାଦେବ ଏବଂ ମା' ସୁଭଦ୍ରା ହେଉଛନ୍ତି ସ୍ୱୟଂ ଶକ୍ତି ସ୍ୱରୂପା। ସ୍ନାନ ମଣ୍ଡପରେ ଏହି ତ୍ରିଧାମୂର୍ତ୍ତିଙ୍କ ଗଜାନନ ରୂପ ଏକତ୍ରିତ ହୋଇ ସର୍ବମୟ ବ୍ରହ୍ମ ସ୍ୱରୂପକୁ ପ୍ରଦର୍ଶନ କରନ୍ତି। ଏ ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ଗଜାନନ ରୂପକୁ ସ୍ତୁତି ଗାନ କରି କହନ୍ତି:

ବିଘ୍ନରାଜ ବିଘ୍ନବିନାଶନାୟ
ଦାରୁବ୍ରହ୍ମ ସ୍ୱରୂପାୟ ହେ ସ୍ମରତାମ୍ !
ଶ୍ରୀକନ୍ଦରେ ଭକ୍ତାନାଂ ମୁଖ୍ୟଦାୟକ
ଗଜବକ୍ତ୍ରଧର ନମୋ ନମୋ ଶ୍ରୀ
ଜଗନ୍ନାଥ ।।

ହେ ସମସ୍ତ ବିଘ୍ନର ବିନାଶକାରୀ ବିଘ୍ନରାଜ ! ଆପଣ ସ୍ୱୟଂ ଦାରୁବ୍ରହ୍ମ ସ୍ୱରୂପ ଅଟନ୍ତି । ଶ୍ରୀକ୍ଷେତ୍ରର ଶ୍ରୀକନ୍ଦରରେ (ନୀଳାଦ୍ରିରେ) ବିରାଜମାନ କରି ଆପଣ ନିଜର ଭକ୍ତମାନଙ୍କୁ ସର୍ବୋଚ୍ଚ ସୁଖ ଓ ମୁକ୍ତି ପ୍ରଦାନ କରନ୍ତି । ଏପରି ଗଜାନନ ରୂପ ଧାରଣକାରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆମର ଅନନ୍ତକୋଟି ପ୍ରଣାମ । ସେଭଳି ଶ୍ରୀଦାର୍ଢ୍ୟତା ଭକ୍ତି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ, ଏହି ଗଜରୂପ ଦେଖି ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଗଣପତି ଭଟ୍ଟ ଭାବବିହ୍ୱଳ ହୋଇ ସ୍ତୁତି ଗାନ କରିଥିଲେ:

ତବ ଦର୍ଶନେ ଦାରୁବ୍ରହ୍ମ । ତୁଟିଲା
ମୋର ମତିଭ୍ରମ
ଲଭିଲି ପରମ କାରଣ । ଏବେ
ଯା ମାଗୁଅଛି ଶୁଣ
ଆଜୁଁ ଏ ଦେବସ୍ନାନ ଯାତ ।
ଯେବେ ହୋଇବ ଜଗନ୍ନାଥ
କେବଳ ହସ୍ତୀ ବେଶ ହୋଇ ।
ବିଜେ କରିବ ଭାବଗ୍ରାହୀ

ଭକ୍ତ ବତ୍ସଳ ଭାବଗ୍ରାହୀ ଶ୍ରୀଜଗନ୍ନାଥଙ୍କୁ ଯେ ଯେପରି ରୂପେ ସ୍ମରଣ କରେ ମହାପ୍ରଭୁ ତାଙ୍କୁ ସେପରି ରୂପରେ ଦର୍ଶନ ଦିଅନ୍ତି। ସେ ସ୍ନାନ ମଣ୍ଡପରେ ରହି ସମସ୍ତ ଜନସମାଜକୁ ଜଣାଇଦିଅନ୍ତି ଯେ, ସେ ହେଉଛନ୍ତି ଜୀବନ୍ତ ଠାକୁର। ଏହି ପାବନ ଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ହେଉଛି ଓଡ଼ିଶାର ସାଂସ୍କୃତିକ ଏବଂ ଏକତାର ପ୍ରତୀକ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏ ଦିନ ସମସ୍ତେ ସ୍ନାନବେଦୀରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମୁକ୍ତ ଭାବେ ଦର୍ଶନ କରିବାର ସୁଯୋଗ ପାଆନ୍ତି । ଯାହାକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟ ବୋଲି କୁହାଯାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁନ୍ ୨୦୨୬ ମଙ୍ଗଳବାର




# ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ଘଟଣା:୫ ଥାନାରେ ଅଟକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ଘଟଣା ଏବେ ସମଗ୍ର ଓଡ଼ିଶାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଯେତିକି ଆଗକୁ ବଢୁଛି, ମୃତ ହାପିର ହତ୍ୟା ଜନିତ ତଥ୍ୟ ସେତେ ବଢ଼ିବାରେ ଲାଗିଛି। ଏପରିକି ତଦନ୍ତର ଅଗ୍ରସର ଜନିତ ସବିଶେଷ ପ୍ରକ୍ରିୟା ପରଖିବା ପାଇଁ ଭଦ୍ରକ ଏସ୍‌ପି ମନୋଜ ରାଉତ ପ୍ରଥମେ ଧୁଷୁରୀ ଥାନାରେ ପହଞ୍ଚି ପରେ ଧାମନଗର ଏସ୍‌ଡିପିଓ ବିଷ୍ଣୁଚରଣ ବାରିକ ଓ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ସହ ଆଲୋଚନା କରିଛନ୍ତି । ପରେ ଷାଠିବାଙ୍କୁଡା ଗାଁରେ ପହଞ୍ଚି ହାପିର ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନକୁ ଯାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ଜବତ ହୋଇଥିବା ଜିନିଷ ଓ ସ୍ଥାନ ବୁଲି ଦେଖିବା ସହ ହାପିର ମୃତଦେହ ଉଦ୍ଧାର ସମୟରେ ପ୍ରତ୍ୟକ୍ଷଦର୍ଶୀ ଓ ତା' ଭାଇର ବୟାନ ନେଇ ଫେରିଛନ୍ତି। ହାପି ହତ୍ୟାକାଣ୍ଡର ସନ୍ଦେହ ଘେରକୁ ଆସିଥିବା ଛୁଂଚା ପଲାଇ, ମୁନା ପଲାଇ, ସ୍ୱୟମ ପଲାଇଙ୍କୁ ଧୁଷୁରୀ ଥାନା ପୋଲିସ ଘରୁ ଉଠାଇ ନେଇ ଦିନ ତମାମ୍ ଜେରା କରିବା ପରେ ରବିବାର ଆଉ ୨ଜଣଙ୍କୁ ଅର୍ଥାତ୍ ଛୁଂଚା ପଲାଇର ଝିଅ ଓ ସ୍ତ୍ରୀକୁ ଯାଜପୁର ଅଞ୍ଚଳରୁ ଧୁଷୁରୀ ଥାନା ପୋଲିସ ଠାବ କରିବା ସହ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହି ତଦନ୍ତ ସମୟରେ ଭଦ୍ରକ ଏସ୍‌ପି ଶ୍ରୀ ରାଉତ ସ୍ଥାନୀୟ ପୋଲିସ ଅର୍ଥାତ୍ ଆର୍‌ଡି ଫାଣ୍ଡି ଅଧିକାରୀଙ୍କ ଭୂମିକାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଧୁଷୁରୀ ଥାନା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଥାନାରେ ଜଣ ଜଣ କରି ଅଟକ ସମସ୍ତଙ୍କୁ ଜେରା କରିବା ସହ ଦୀର୍ଘ ୫/୬ ଘଣ୍ଟା ଧରି ପଚରାଉଚରା ଜାରି ରଖିଛି ପୋଲିସ। ଏପଟେ ଘଟଣାସ୍ଥଳରେ ପୋଲିସର ଉଚ୍ଚ ପଦାଧିକାରୀ ପହଞ୍ଚି ହାପିର ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ବୁଲି ଦେଖିବା ସହ ଗାଁ ଲୋକଙ୍କ ଠାରୁ ଘଟଣା ବାବଦରେ ପଚାରି ବୁଝିଥିଲେ। ଗତ ଶନିବାର ହାପିର ୨ ଭଉଣୀଙ୍କର ଜମାନବନ୍ଦି ପାଇଁ ପୋଲିସ ଥାନାକୁ ନେଇଥିବା ହାପିର ମା' ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଭଦ୍ରକ ଏସ୍‌ପି ଶ୍ରୀ ରାଉତ କହିଛନ୍ତି, ହାପି ମୃତ୍ୟୁର ବ୍ୟବହୃତ ହୋଇଥିବା ଅନେକ ଜିନିଷକୁ ପରିବାର ଲୋକ ପୋଡ଼ି ଦେଇଥିବା ବେଳେ ଆରମ୍ଭରୁ ପୋଲିସକୁ ନଜଣାଇବା ଏବଂ ମେଡିକାଲ୍ ରିପୋର୍ଟ ନଥିବାରୁ ବହୁ ତଥ୍ୟ ଖୋଜି ବାହାର କରିବାକୁ ପଡିବ। ତେଣୁ ଏହି ଘଟଣା ଯଦିଓ ବହୁ ତଥ୍ୟ ନଷ୍ଟ ହୋଇଛି, ତେବେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବାରୁ ଖୁବ୍‌ଶୀଘ୍ର ସମସ୍ତ ଦୋଷୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଶ୍ରୀ ରାଉତ ଗଣମାଧ୍ୟମକୁ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଗତ ୧୭ ତାରିଖ ମଧ୍ୟାହ୍ନ ସମୟରେ ହାପି ମହାକୁଡ଼କୁ ଫୋନ୍ ଯୋଗେ ଛୁଂଚା ପଲାଇ, ମୁନା ପଲାଇ ଓ ସ୍ୱୟମ ପଲାଇ ଘରକୁ ଏକ ଜରୁରୀ କଥାବାର୍ତ୍ତା ପାଇଁ ଡାକିଥିଲେ। କିଛି ଘଣ୍ଟା ପରେ ହାପିର ପରିବାର ମା' ଓ ଭଉଣୀ ଜାଣିବାକୁ ପାଇଥିଲେ କି ମୁନା ପଲାଇର ବାଡ଼ିରେ ହାପି କୌଣସି କାରଣରୁ ଫାସି ଦେଇ ଆତ୍ମହତ୍ୟା କରିଛି। ଅନ୍ୟପଟେ ହାପିର ମୃତ୍ୟୁକୁ ନେଇ ପରିବାର ଲୋକ ଭାଙ୍ଗି ପଡ଼ିବା ସହ ଗାଁ ଲୋକ ଓ ମୁରବୀଙ୍କ ସହାୟତା ଲୋଡ଼ିଥିଲେ। ମୃତ୍ୟୁର ୪ ଦିନ ପରେ ହାପି ମୋବାଇଲ୍‌ରୁ ମୃତ୍ୟୁର ରହସ୍ୟ ଖୋଲିଥିଲା। ଯାହାକି ହାପିର ଭାଇ ଓ ପରିବାର ଲୋକ ଗାଁ ଲୋକଙ୍କୁ ସମସ୍ତ କଥା ଜଣାଇବା ପରେ ହାପିକୁ ଚକ୍ରାନ୍ତ ଭାବେ ଘରୁ ଡାକି ନେଇ ମୁନା ପଲାଇ, ଛୁଂଚା ପଲାଇ ଓ ସ୍ୱୟମ୍ ପଲାଇ ହତ୍ୟା କରିଥିବା ମୋବାଇଲ୍ ମେସେଜ୍‌ରୁ ଜାଣିବାକୁ ପାଇଥିଲେ । ଏପରିକି ଗାଁ ଲୋକଙ୍କ ସହ ହାପିର ଭାଇ ଓ ମା' ଆରଡି ଫାଣ୍ଡିକୁ ଗତ ୨୧ ତାରିଖରେ ଅଭିଯୋଗ କରିବା ପାଇଁ ଆସିଥିଲେ। ସେଠାରେ ଫାଣ୍ଡି ଅଧିକାରୀ ଆଇନ୍‌ଗତ ଧମକ ଦେବା ସହ ଅଭିଯୋଗ ଶୁଣି ନଥିଲେ। ପରେ ଗତ ୨୫ରେ ଗାଁର ୨ ଶହରୁ ଉର୍ଦ୍ଧ୍ୱ ଲୋକ ହାପି ମୃତ୍ୟୁର ରହସ୍ୟ ଖୋଲିବା ସହ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଓ ପରିବାର ଲୋକଙ୍କୁ ନ୍ୟାୟ ଦେବାରେ ଆରଡି ଫାଣ୍ଡି ସମ୍ମୁଖରେ ଆନ୍ଦୋଳନ କରିବା ସହ ଏତଲା ଗ୍ରହଣ କରିବା ପାଇଁ ହଟ୍ଟଗୋଳ କରିଥିଲେ। ଶେଷରେ ପୋଲିସ ଏତଲା ରଖି ଗତ ୨୬ରେ ଗାଁକୁ ଯାଇ ତଦନ୍ତ ଆରମ୍ଭ କରିଥିଲା।

# 'ପ୍ରହଲ୍ଲାଦ' ନାଟକ ନୃତ୍ୟ ଗୁରୁ ସୀମାଞ୍ଚଳଙ୍କୁ ପଦ୍ମଶ୍ରୀ ସମ୍ମାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ବ୍ଲକ୍ ବମୋକେଇ ଗ୍ରାମ ବଡ଼ସାହିର ପୌରାଣିକ ପ୍ରହଲ୍ଲାଦ ନାଟକର ହିରଣ୍ୟକଶ୍ୟପ ରାଜା ଭୂମିକାରେ ଅଭିନୟ କରୁଥିବା ନିର୍ଦ୍ଦେଶକ ତଥା ନୃତ୍ୟ ଗୁରୁ ସୀମାଞ୍ଚଳ ପାତ୍ର (୯୭)ଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ନୂଆଦିଲ୍ଲୀରୁ ଫେରିବା ପରେ ଗୁରୁବାର ଅପରାହ୍ନରେ ସେ ଭୁବନେଶ୍ୱରରେ ପହଞ୍ଚିଥିଲେ ଏବଂ ବିଳମ୍ବିତ ଅପରାହ୍ନରେ ଭୁବନେଶ୍ୱରରୁ ବାହାରି ରାତି ସାଢ଼େ ୮ଟାରେ ବ୍ରହ୍ମପୁର ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଉତ୍କଳ ଆଶ୍ରମ ନ୍ୟାସ ପକ୍ଷରୁ ପ୍ରହ୍ଲାଦ ନାଟକର ଖ୍ୟାତିପ୍ରାପ୍ତ ବର୍ଷିୟାନ୍ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ଉପଢ଼ୌକନ ଓ ପୁଷ୍ପସ୍ତବକ ପ୍ରଦାନ ପୂର୍ବକ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପଦ୍ମଶ୍ରୀ ଶ୍ରୀ ପାତ୍ରଙ୍କ ସାନପୁଅ ସାଇବ ପାତ୍ର ଓ ଲୋକନାଟ୍ୟ କଳାକାର ଆଲୋକ ବିଷୋୟୀ ମଞ୍ଚାସୀନଥିଲେ । ଉତ୍କଳ ଆଶ୍ରମ ନ୍ୟାସର ସମ୍ପାଦକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ସମ୍ବର୍ଦ୍ଧନା ସଭାରେ ପୌରୋହିତ୍ୟ କରିଥିଲେ । କଳିଙ୍ଗ ସାହିତ୍ୟ ସମାଜ ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. କୃଷ୍ଣ ପ୍ରସାଦ ମହାପାତ୍ର, ଡ. ଅନନ୍ତରାମ କର କୌଣ୍ଡିନ୍ୟ, ବଡ଼ ଖେମୁଣ୍ଡି ରାଜ ପରିବାର ସଦସ୍ୟ ସିଦ୍ଧାର୍ଥ ଗଙ୍ଗଦେବ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ. କୁଳମଣି ଓଝା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ପ୍ରଦୋଷ କୁମାର ସ୍ୱାଇଁ, ଡ. ଅଶୋକ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ନଳିନୀକାନ୍ତ ଗୌଡ଼, ଦିନବନ୍ଧୁ ଶ୍ରୀପଲ୍ଲବ, ରାଜଗୋପାଳ ପାଢ଼ୀ, ଡ. ମିହିର କୁମାର ତ୍ରିପାଠୀ, ସମୀର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ପଦ୍ମଶ୍ରୀ ପାତ୍ରଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।



# ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ସମ୍ମାନୀତ



**ଆସିକା, ନ୍ୟୁଜ୍ ବ୍ୟୁରୋ**

ଆସିକା ବରିଷ୍ଠ ଦର୍ଶନ ଅଧ୍ୟାପକ ତଥା ଶିକ୍ଷାବିତ୍, ସୁସାହିତ୍ୟିକ, କବି ଓ ସ୍ତମ୍ଭକାର ହେମନ୍ତ କୁମାର ଗନ୍ତାୟତଙ୍କୁ ୨୮ ତାରିଖ ରବିବାର ଦିନ ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ମିଳନୀ କକ୍ଷରେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ବୁଗୁଡ଼ା, ଗଞ୍ଜାମ ଦ୍ୱାରା ସମ୍ମାନୀତ କରାଯାଇଛି। ଏହି ଅନ୍ତର୍ଜିଲ୍ଲା ବିକ୍ଷିପ୍ତା ସାହିତ୍ୟ ସମ୍ମିଳନୀ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ଅତିଥି ରୂପେ ଶ୍ରୀଗନ୍ତାୟତ ଯୋଗଦାନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଗୌରୀପତି ଦାଶ ସଭାପତିତ୍ୱ କରିଥିବାବେଳେ, ଉଦ୍‌ଘାଟକ ଭାବେ ଡ. ବିନୋଦ ଚନ୍ଦ୍ର ଦାଶ, ସମ୍ମାନୀତ ଅତିଥି ଦୁର୍ଗା ପ୍ରସାଦ ପଣ୍ଡା ଓ ମୁଖ୍ୟବକ୍ତା ଡା. ସାଗର ରଞ୍ଜନ ତ୍ରିପାଠୀ ଆଦି ମଞ୍ଚାସୀନ ଥିଲେ ଏବଂ ଡ. ଶ୍ୟାମା ପ୍ରସାଦ ମିଶ୍ର, ରାଇରଞ୍ଜନ ନନ୍ଦ ଓ ସୁପ୍ରଜିତ୍ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏଥିପୂର୍ବରୁ ଅଧ୍ୟାପକ ହେମନ୍ତ କୁମାରଙ୍କୁ ଦୈନିକ ଖବରକାଗଜ ଅପରାହ୍ନ ବାଲେଶ୍ୱର ଠାରେ ସୃଜନ ଶ୍ରୀସମ୍ମାନ, ପୁରୀ ଜିଲ୍ଲା ଦିବ୍ୟଦର୍ଶନ ସଂସ୍ଥାନ ଦ୍ୱାରା ଦିବ୍ୟ ଦର୍ଶନ ସମ୍ମାନ, ଗଞ୍ଜାମ କଳାପରିଷଦ ବ୍ରହ୍ମପୁର ଦ୍ୱାରା ସାରସ୍ୱତ ସମ୍ମାନ, ପୁରାତନ ଦୈନିକ ଖବର କାଗଜ ଦୈନିକ ଆଶା ପକ୍ଷରୁ ଜିଜ୍ଞାସାରେ ଶ୍ରୀଜଗନ୍ନାଥ ସମ୍ମାନ, ଉତ୍କଳୀୟ ଯୋଗ ବେଦାନ୍ତ ପରିଷଦ-ପୁରୀ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ-ଶ୍ରୀବିହାର ପୁରୀ, ଶର୍ମି କାବ୍ୟ ଲେଖା ସାହିତ୍ୟ ସଂସଦ ବିଶାଖା ପାଟଣା, ବୀଣାପାଣି ସାହିତ୍ୟ ସଂସଦ କେନ୍ଦୁଝର, ବାଣୀ ବିଥିକା ପରିବାର, ନୀଳାଚଳ ସାହିତ୍ୟ ସୃଜନୀ, ଆମ ଅଗଣାର ସଜ ଫୁଲ ପରିବାର, ଜୟ ଶ୍ରୀଜଗନ୍ନାଥ ପ୍ରଭୁ ପରିବାର, ସୁନାର ଗୌରାଙ୍ଗ ପରିବାର - କଟକ, ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର, ମେଘାସନୀ ସାହିତ୍ୟ ସଂସ୍କୃତି ପରିଷଦ - ମୟୂରଭଞ୍ଜ ଏବଂ ଅନେକ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଆସିଛନ୍ତି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଜନ୍ମ ଦିନରେ ୫୭ ୟୁନିଟ୍ ରକ୍ତ ଦାନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଛତ୍ରପୁର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଆୟୋଜିତ ଏହି ଶିବିରକୁ ରମ୍ଭା ମଣ୍ଡଳ ବିଜେପି ପକ୍ଷରୁ ପୂର୍ଣ୍ଣ ସମର୍ଥନ ଓ ସହଯୋଗ ପ୍ରଦାନ କରାଯାଇଛି । ରମ୍ଭା ବିଜେପି ମଣ୍ଡଳ ସଭାପତି ଘନଶ୍ୟାମ ବେହେରାଙ୍କ ନେତୃତ୍ୱରେ ରମ୍ଭା ଏନ୍‌ଏସି ଅଧକ୍ଷାଙ୍କ ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ ସହିତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ଯୁବମୋର୍ଚ୍ଚା ସଦସ୍ୟ ଛତ୍ରପୁରରେ ପହଞ୍ଚି ରକ୍ତଦାନ କରିଥିଲେ । ରମ୍ଭା ବିଜେପି ପକ୍ଷରୁ ମୋଟ୍ ୫୭ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଛି । ଏହି ଅବସରରେ ରମ୍ଭା ବିଜେପି ନେତାମାନେ କହିଛନ୍ତି, 'ଧର୍ମେନ୍ଦ୍ର ଭାଇଙ୍କ ଜନ୍ମ ଦିନକୁ ଆମେ ସେବା ଦିବସ ଭାବେ ପାଳନ କରୁଛୁ । ରକ୍ତଦାନ ମହତ୍ ଦାନ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ଲୋକଙ୍କ ସେବାରେ ସର୍ବଦା ନିୟୋଜିତ ରହିବୁ ।' ରକ୍ତଭଣ୍ଡାରର ଅଧିକାରୀ ଓ ସାମାଜିକ କର୍ମୀମାନେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ଶିବିରରେ ରମ୍ଭା ବିଜେପି କର୍ମୀ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ ।



# ବାଲେଶ୍ୱର ଜିଲ୍ଲାରେ ୮୦% ପିଲାଙ୍କୁ ପୋଲିଓ ବୁନ୍ଦା ପ୍ରଦାନ



**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲା ଟିକା କରଣ କେନ୍ଦ୍ର କକ୍ଷରେ ଶୁଭ ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ - ଦୁଇ ବୁନ୍ଦା ପ୍ରତ୍ୟେକ ଥର, ପୋଲିଓ ଉପରେ ବିଜୟ ରହୁ ନିରନ୍ତର। ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ପିଲା ଜଣକୁ ପୋଲିଓ ଦୁଇ ବୁନ୍ଦା ଖୁଆଇ ଶୁଭାରମ୍ଭ କରିଥିଲେ। ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ଅନ୍ନପୂର୍ଣ୍ଣା ଜେନା, ଡାକ୍ତର ସ୍ମୃତି ପ୍ରକାଶ ମିଶ୍ର, ଚକ୍ରଧର ଜେନା, ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ରଞ୍ଜନ ମହନ୍ତ, ଶାଶ୍ୱତୀ ମିଶ୍ର, ନୂତନ ପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ଏହି କାର୍ଯ୍ୟକ୍ରମ ଜୁନ୍ ୨୮ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ତଥା ଜୁନ୍ ୨୮ ତାରିଖରେ ସମଗ୍ର ଜିଲ୍ଲାରେ ୧୯୨୭୬୧ ଜଣ ଜନ୍ମରୁ ୫ ବର୍ଷ ପିଲାଙ୍କୁ ୧୦୬୩ ଟି ଟୀକା କରଣ କେନ୍ଦ୍ର, ୪୬ ଗୋଟି ଟ୍ରାଂଜିଟ୍ ଦଳ ଏବଂ ୨୩ ଗୋଟି ଭ୍ରାମ୍ୟମାଣ ଦଳ ଜରିଆରେ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ ଧାର୍ଯ୍ୟ କରାଯାଇଛି। ଏଥିନିମନ୍ତେ ୪୩୯୦ ଜଣ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ସ୍ୱେଚ୍ଛାସେବୀ ୨୧୯ ଜଣ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରବର୍ତ୍ତୀ ଦୁଇଦିନ ଅର୍ଥାତ୍ ଜୁନ୍ ୨୯ ଓ ୩୦ ତାରିଖ ଦିନ ୪୯୮୨୬୩ ଘରକୁ ପରିଦର୍ଶନ କରି ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖାଯାଇଛି। ରବିବାର ଶେଷ ସୁଦ୍ଧା ସମଗ୍ର ଜିଲ୍ଲାରେ ୨୪୦୯୫୧ (୮୦%) ଜଣ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଛି। ଅବଶିଷ୍ଟ ପିଲାଙ୍କୁ ଆସନ୍ତା ଦୁଇ ଦିନରେ ଘରକୁ ଘର ବୁଲି ଦିଆଯିବାର ବ୍ୟବସ୍ଥା ହୋଇଛି।

## ନବ ନିଯୁକ୍ତ ଜିଲ୍ଲା ଜଜ୍‌ଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ନୂତନ ଜିଲ୍ଲା ଜର୍ଜ ଭାବେ ଯୋଗ ଦେଇଥିବା ଦୀପକ କୁମାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଓକିଲ ସଂଘ ସଭାପତି ରବି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ବିଚାରପତିଙ୍କ ଉପସ୍ଥିତିରେ ଜିଲ୍ଲା ଓ ଦୌରାଜଜ୍ ଦୀପକ କୁମାରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହିତ ଜିଲ୍ଲା ଜଜ୍ ଆଇନ୍‌ଜୀବୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମସ୍ୟା ଗୁଡିକୁ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନିହାରରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ରାଉତ, ସହସମ୍ପାଦକ ମନୋରଞ୍ଜନ ବେହେରା, ପାର୍ଥ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲା ଓକିଲ ସଂଘର ବହୁ ବରିଷ୍ଠ ଆଇନ୍‌ଜୀବୀ ଉପସ୍ଥିତ ଥିଲେ।



# ୯ ଶିଶୁ ଶ୍ରମିକ ଉଦ୍ଧାର:ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ଶିଶୁ ଶ୍ରମିକ ନିଯୁକ୍ତି ବିରୋଧରେ ଏକ ସ୍ୱତନ୍ତ୍ର ମିଳିତ ଚଢ଼ଉ ଅଭିଯାନରେ ୯ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ବୌଦ୍ଧ ଜିଲ୍ଲା ଶ୍ରମ ବିଭାଗର ନେତୃତ୍ୱରେ ପୋଲିସ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଚାଇଲ୍ଡ ହେଲ୍ପଲାଇନ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକ କଳା ବିକାଶ କେନ୍ଦ୍ର, ବିଶ୍ୱ ଯୁବ କେନ୍ଦ୍ର ଓ ୱାଇସିଡିଏର ମିଳିତ ସହଯୋଗରେ ଏହି ଅଭିଯାନ ଚାଲିଥିଲା। ଏହି ଅଭିଯାନ ବୌଦ୍ଧ, କଣ୍ଟାମାଳ ଓ ହରଭଙ୍ଗା ବ୍ଲକ୍ ସହିତ ବୌଦ୍ଧ ପୌରାଞ୍ଚଳର ବିଭିନ୍ନ ହୋଟେଲ, ଦୋକାନରେ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଶିଶୁ ଶ୍ରମିକ ନିଯୁକ୍ତି ବିରୋଧରେ ସଚେତନତା ସୃଷ୍ଟି କରାଯିବା ସହ ବ୍ୟବସାୟୀମାନଙ୍କୁ ଶିଶୁ ଶ୍ରମ ଆଇନ୍ ସମ୍ପର୍କରେ ଅବଗତ କରାଯାଇଥିଲା। ଉଦ୍ଧାର ହୋଇଥିବା ୯ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇବା ପରେ ସେମାନଙ୍କୁ ଆବଶ୍ୟକୀୟ ପୁନର୍ବାସ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ଶିଶୁ ମଙ୍ଗଳ କମିଟିଙ୍କ ନିକଟରେ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଜିଲ୍ଲାରେ ଶିଶୁ ଶ୍ରମ ମୁକ୍ତ ପରିବେଶ ସୃଷ୍ଟି ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଗୁରୁ ଭଗବାନ ସାହୁଙ୍କ ତ୍ୟାଗ ଓ ଅବଦାନ ଉପରେ ଆଲୋକପାତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜୟନ୍ତୀ ମହୋତ୍ସବ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ଠାରେ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ ସମୟରେ ମନ୍ତ୍ର ପାଠ ଏବଂ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଜୟଶ୍ରୀ ପଣ୍ଡା, ଅତିଥି ପରିଚୟ ପ୍ରଦାନ କରିଥିଲେ ସର୍ଦ୍ଦାର ପ୍ରିତମ ସିଂ। ସଭାପତି ଦଧିବାବନ ଶତପଥୀଙ୍କ ଦ୍ୱାରା ସ୍ୱାଗତ ଭାଷଣ ଏବଂ ତାଙ୍କ ସଭାପତିତ୍ୱରେ, ସମ୍ପାଦକ ତୁଳସୀ ଚରଣ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଗଠନ ସମ୍ପାଦକ ପ୍ରଦୀପ ଦେବତାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ପୌରପାଳିକା ଅଧକ୍ଷା କଳ୍ପନା ମାଝୀ ଏବଂ ମୁଖ୍ୟବକ୍ତା ଭାବେ କବି ତଥା ରାଉରକେଲା ସମ୍ବାଦ ସଂସ୍କରଣ ମୁଖ୍ୟ ତଥା ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ହୋତା ଗୁରୁ ଭଗବାନ ସାହୁଙ୍କ ସାରା ଜୀବନ ତ୍ୟାଗ ଅବଦାନ ଏବଂ ବଳିଦାନ ଉପରେ ଆଲୋକପାତ କରିଥିଲେ, ପରାମର୍ଶଦାତା ଯୁଗଳ ପ୍ରସାଦ ସିଂ ସ୍ମୃତି କମିଟିର ଦାବି ଉପସ୍ଥାପନ କରିଥିଲେ । ଏହି ଅବସରରେ ଆନ୍ତର୍ଜାତିୟ ସଞ୍ଚାର ଗାୟକ ବାହାକ ଅଲେଖ ସାହୁ ଓ ଦଣ୍ଡ ନୃତ୍ୟ ଗୁରୁ ବିଶ୍ୱମ୍ଭର ଷାଣ୍ଟେ (ଟିହା)ଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ମାନପତ୍ର ପାଠ କରିଥିଲେ ଭବାନିଶ ଭୋଇ ଓ ରଞ୍ଜନ କୁମାର ପଣ୍ଡା, ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ଇବ ସାହିତ୍ୟ ପରିବାର ସୁନ୍ଦରଗଡ଼, ସୁବର୍ଣ୍ଣ ସ୍ମୃତି ସମ୍ବଦ ଜମନକିରା, ଗୁରୁ ଭଜମନ ଦାସ କଳା ପରିଷଦ କୁଟାସିଂହା ବଲାଙ୍ଗିର, ମାଁ ଚରଦେଇ ଲୋକ ମହୋତ୍ସବ କମିଟି ବିନିକା, ଗୁରୁ ଭଗବାନ ସାହୁ କଳା ନିକେତନ ବଲାଙ୍ଗିର, ଜଳ କଲ୍ୟାଣ କୁଳିତା ସମାଜ ଅତାବିରା ସଚେତନ ହେମା ଢୋଲବନ୍ଧ ପଦ୍ମପୁର, ଆମର୍ ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁରକୁ ସମ୍ମାନିତ କରାଯାଇଥିଲା । ଗୁରୁ ଭଗବାନ ସାହୁଙ୍କ ପ୍ରଚାର ପ୍ରସାର କରିଆସୁଥିବା ସାମ୍ବାଦିକ ସୁନିଲ ମିଶ୍ର ବଲାଙ୍ଗିର, ନିରଞ୍ଜନ ତ୍ରିପାଠୀ ପାଇକମାଲ ବ୍ଲକ, ସୁଦୀପ୍ତ ଷଡ଼ଙ୍ଗୀ, ସରୋଜ ଷଡ଼ଙ୍ଗୀ ବରଗଡ଼ଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ କବୟିତ୍ରୀ ଜିବେଶ୍ୱରୀ ପଟେଲଙ୍କ କବିତା ପୁସ୍ତକର ଅକ୍ଷର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଭା ପ୍ରାରମ୍ଭରେ ଦଧିବାବନ ଶତପଥୀ ଓ ନିସାର ଅହମଦ ନିସାର ସଙ୍ଗୀତ ପରିବେଷଣ କରିଥିଲେ, କୁନି ଝିଅ ଅଦଭିକା ପଟନାୟକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସୁଶାନ୍ତ ମିଶ୍ର, ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁ ଭଗବାନ ସାହୁଙ୍କ ଉପରେ ରାଜ୍ୟସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଯୋଗ ଦେଇଥିଲେ ଭାଗବତ ପଧାନ, ଉତ୍ପନ୍ନ କୁମାର ଭୋଇ, ଭବାନିଶ ଭୋଇ, କମଳ ଲୋଚନ ପଣ୍ଡା, ଅମୂଲ୍ୟ ବେହେରା, ବିପ୍ର ଚରଣ ସାହୁ, ଭିକାରୀ ଚରଣ ପ୍ରଧାନ, ଡ. ସଙ୍ଗୀତା ପଣ୍ଡା, ଏବଂ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କବି କବୟିତ୍ରୀ ମାନେ କବିତା ପାଠ କରିଥିଲେ । କବୟିତ୍ରୀ ସୁଷମା ପଟେଲ, ନିତମ୍ବିନୀ କର, ଉଦ୍ଧବ ବାରିକ, ଟିକେଲାଲ ରାଉତ ସମେତ ଅନେକ କବି କବୟିତ୍ରୀ କବିତା ପାଠ କରିଥିଲେ । ସମସ୍ତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡଃ ସଂଗୀତା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନାରେ ଅଚ୍ୟୁତାନନ୍ଦ ବାରିକ, ବିମଳ କୃଷ୍ଣ ମିଶ୍ର, ଶିବାନନ୍ଦ ମଟାରୀ, ସଙ୍ଗୀତା ଦୀପ, ସନ୍ତୋଷିନୀ ଦାଶ, ନୂରାବତି ସାହୁ, ଚିନ୍ମୟୀ କଣ୍ଟା, ପଞ୍ଚାନନ ବାରିକ, ସାରଥି ମେହେର, ପ୍ରଦୀପ ମିଶ୍ର, ମନୋଜ ବାଗ, ଉମେଶ ପ୍ରଧାନ, ଦୁର୍ଲଭ ଗଡତିଆ, ମାନସ ରଞ୍ଜନ ଦାଶ, ଜୟଲାଲ ନାଇକ, ଜଟାଧାରୀ ପ୍ରଧାନ ଆଦି ସମସ୍ତ ସଦସ୍ୟ ସଦସ୍ୟା ଯୋଗଦେଇ ସହଯୋଗ କରିଥିଲେ ।



## ବାମଣ୍ଡାରେ 'ବିକାଶ ଧାରା' ଉଦ୍‌ଘାଟିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବାମଣ୍ଡା ସରପଞ୍ଚ ଇନ୍ଦୁମତୀ ଝାଙ୍କର ଯୋଗଦେଇ ଶୁଭାରମ୍ଭ କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ନାଏବ ସରପଞ୍ଚ ବିରୁପାକ୍ଷ ମେଣ୍ଡୁଲି, ସମିତି ସଭ୍ୟା କୁମୁଦିନୀ ସେଠୀ, ଯୋଗାଣ ସହାୟକ ରତନ ପ୍ରଧାନ, ଏଡିଇଓ ଜଗଦୀଶ ପୃଷ୍ଟି, କୃଷି ଗ୍ରାମ ସେବିକା ରିତା ଭୋଇ, ଏମ୍‌ବିକେ ଗୀତାଞ୍ଜଳି ମିଶ୍ର ଯୋଗଦେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇବା ସହ ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନାର ହିତାଧିକାରୀ ମାନଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ।

# ବରଗଡ଼ରେ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏସ୍‌ଇ-୨୦୨୬' କାର୍ଯ୍ୟକ୍ରମ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ-୨୦୨୬, ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ ବରଗଡ (ଗୋରୁ ମାର୍କେଟ୍) ପରିସରରେ ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିକାଶର ଧାରା, ଓଡ଼ିଶା ସାରା ନାରାକୁ ସାମ୍ନାରେ ରଖି ଆୟୋଜିତି ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳିକା କୁମାରୀ ସୁଷମା କରାଳି, ସହକାରୀ ଶିଳ୍ପ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ବେହେରା ସଭାରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ପୁରୋହିତଙ୍କ କରକମଳରେ ଅଣୁକ୍ଷୁଦ୍ର ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଶିଳ୍ପ କେନ୍ଦ୍ର ସଂସ୍ଥାମାନଙ୍କୁ ନେଇ ୨୦ ଗୋଟି ଷ୍ଟଲ୍ ଖୋଲାଯାଇଛି ସେହି ଷ୍ଟଲ୍‌କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନଙ୍କ ସହିତ ପରିଦର୍ଶନ କରିଥିଲେ। ମୁଖ୍ୟଅତିଥି ସମେତ ପ୍ରଦୀପ ପ୍ରଜ୍ଜଳନ କରି ସଭା ଆରମ୍ଭ ହୋଇଥିଲା। ପ୍ରଦୀପ ପୁରୋହିତ ଓଡ଼ିଶା ସରକାରଙ୍କ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିପରି ଭଟଲି ବିଧାୟକ ମହୋଦୟ ତାଙ୍କ ବକ୍ତବ୍ୟରେ ଉପସ୍ଥିତ ଛାତ୍ର/ଛାତ୍ରୀ ମାନଙ୍କୁ ଏମ୍‌ଏସ୍‌ଏମ୍‌ଇର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅପରାହ୍ନ ୩ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସ ମାଧ୍ୟମରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଙ୍ଗୀତା ପଣ୍ଡା ସଭାକୁ ପରିଚାଳନା କରିଥିଲେ। ପରିଶେଷରେ ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳିକା କୁମାରୀ ସୁଷମା କରାଳି ଏମ୍‌ଏସ୍‌ଏମ୍ ବିଭାଗ, ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶେଷରେ ସଭାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିବାରୁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ଓ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଶତାଧିକ କର୍ମୀ ଜେଏମ୍‌ଏମ୍‌ରେ ଯୋଗଦେଲେ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଲକ୍ଷ୍ମୀପୋଷି ପଞ୍ଚାୟତର ଶତାଧିକ ସାଧାରଣ କର୍ମୀ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ । ରାଜ୍ୟ ସଭାପତି ଅଞ୍ଜନୀ ସୋରେନ୍ ନେତୃତ୍ୱକୁ ସମର୍ଥନ କରି ଲକ୍ଷ୍ମୀପୋଷି ପଞ୍ଚାୟତ ଅନ୍ତର୍ଗତ କଇଁଫୁଲିଆ ଗ୍ରାମରେ ଅନୁଷ୍ଠିତ ଏକ ସଭାରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ସୁଶାନ୍ତ ସିଂଙ୍କ ନେତୃତ୍ୱରେ ଯୋଗଦାନ କରିଥିଲେ। ଉକ୍ତ ସଭାରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଆଗାମୀ ଦିନରେ ମୟୁରଭଞ୍ଜରେ ବିକଳ୍ପ ରାଜନୈତିକ ଦଳ ହୋଇ ଛିଡା ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ନୂତନ ଭାବେ ଯୋଗଦାନ କରିଥିବା କର୍ମୀମାନେ ହେଲା ସର୍ବଶ୍ରୀ ସବାନ ମାରାଣ୍ଡି, କାମେଶ୍ୱର ଲୁହାରୀ, ପ୍ରେମ ସିଂ, ମଣ୍ଟୁ ବିନ୍ଧାଣି, ଦେବବ୍ରତ ସିଂ, ବୃନ୍ଦାବନ ସିଂ, ଦୁର୍ଗା ସିଂ, ଅମିତ ସିଂ, ପ୍ରଦୀପ ସିଂ, ସରୋଜିତ ସିଂ, କପିଳା ସିଂ, ମୁନା ସିଂ, ଆକାନ୍ତ ସିଂ, ଅନନ୍ତ ସିଂ, ଲଛମଣ ସୋରେନ, ସୁରେଶ ସିଂ ଉକ୍ତ ସଭା ଶେଷରେ ରାଜ୍ୟ ପରିଷଦ ସଭ୍ୟ ସୁଜିତ ବେହେରା, ବାରିପଦା ସହର ସଭାପତି ତରେନ ସେନାପତି ପ୍ରମୁଖ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ ।

# ପେଟ୍ରୋଲ ପମ୍ପରେ ମିଳୁନି ମୁକ୍ତ ବାୟୁର ବ୍ୟବସ୍ଥା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ପେଟ୍ରୋଲ ପମ୍ପ ଖୋଲିବା ସମୟରେ ପେଟ୍ରୋଲିୟମ କମ୍ପାନୀମାନେ ଅନେକ ଯାନବାହାନ ଗୁଡିକର ଅତ୍ୟାବଶ୍ୟକ ସାମଗ୍ରୀର ସୁବିଧା ରଖିବା ବାଧ୍ୟତାମୂଳକ କରିଛନ୍ତି। ପମ୍ପ ଖୋଲିବା ପାଇଁ ଲାଇସେନ୍ସ ମଞ୍ଜୁର କରିବା ପୂର୍ବରୁ ଗ୍ରାହକଙ୍କ ପାଇଁ ପମ୍ପ ପରିସରରେ ଶୌଚାଳୟ, ପିଇବା ପାଣି, ଗାଡ଼ି ଚକ ଗୁଡ଼ିକରେ ପମ୍ପ ଦେବା ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ କୋରାପୁଟ ଜିଲ୍ଲା କୋରାପୁଟ, ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, ବୈପାରିଗୁଡା, କୋରାପୁଟରେ ଉପଖଣ୍ଡର ଅଧିକାଂଶ ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକମାନଙ୍କ ବ୍ୟବହାର ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରାଯାଉ ନଥିବା ଦେଖାଯାଇଛି । ଏପରିକି ଅନେକ ପମ୍ପରେ ଶୌଚାଳୟର ବ୍ୟବସ୍ଥା କରି ସୁଦ୍ଧା କେବଳ ସେହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଭରୁଥିବା ଗ୍ରାହକମାନଙ୍କୁ ମାଗଣା ଶୌଚାଳୟ ସୁବିଧା ଯୋଗାଉଥିବା ଦେଖାଯାଇଛି । ଜିଲାର କିଛି ପେଟ୍ରୋଲ ପମ୍ପରେ ମାଲିକମାନେ ନିଜସ୍ୱ ଉଦ୍ୟମରେ ମୁକ୍ତବାୟୁ ବ୍ୟବସ୍ଥା କରିଥିବାବେଳେ ଅଧିକାଂଶ ପମ୍ପରେ ଏହା କେବଳ ଧର୍ମକୁ ଆଖି ଠାର ଭଳି ରଖାଯାଇଛି । ଏପରିକି କିଛି ପମ୍ପରେ ଏଭଳି ବ୍ୟବସ୍ଥା ଆରମ୍ଭରୁ କାର୍ଯ୍ୟକ୍ଷମ କରାଯାଇନଥିବା ଦେଖାଯାଇଛି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କୋରାପୁଟ ଜିଲ୍ଲାରେ ସମସ୍ତ ବ୍ଲକ ଓ ସହରାଞ୍ଚଳର ମୁଖ୍ୟରାସ୍ତା ସହ ବିଭିନ୍ନ ରାସ୍ତା କଡରେ ବିଭିନ୍ନ ପେଟ୍ରୋଲିୟମ୍ କମ୍ପାନୀର ପ୍ରାୟ ୨୫ଟିରୁ ଅଧିକ ପେଟ୍ରୋଲ୍ ପମ୍ପ ରହିଛି । ପେଟ୍ରୋଲ୍ ପମ୍ପ ଖୋଲିବା ପୂର୍ବରୁ ସମ୍ପୃକ୍ତ କମ୍ପାନୀମାନେ ନୂତନ ଭାବେ ଖୋଲାଯାଉଥିବା ପମ୍ପ ପରିସରରେ ଗ୍ରାହକଙ୍କ ବ୍ୟବହାର ପାଇଁ ପୃଥକ୍ ଭାବେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସତନ୍ତ୍ର ଶୌଚାଳୟ, ପିଇବା ପାଣି ସାଙ୍ଗକୁ ଗ୍ରାହକଙ୍କ ଗାଡ଼ି ଚକରେ ପମ୍ପ ଦେବା ପାଇଁ ମୁକ୍ତବାୟୁର ବ୍ୟବସ୍ଥା ଥିବା ସମ୍ପର୍କରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଲାଇସେନ୍ସ ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ହେଲେ କୋରାପୁଟ ଜିଲ୍ଲାର ପେଟ୍ରୋଲ ପମ୍ପରେ ଏହି ବ୍ୟବସ୍ଥା କେବଳ ଲୋକ ଦେଖାଣିଆ ଭାବରେ ରହିଥିବା ଦେଖାଯାଉଛି । ଏପରିକି ଅନେକ ପମ୍ପରେ ଏହି ବ୍ୟବସ୍ଥା ବର୍ଷବର୍ଷ ଧରି ଅଚଳ ହୋଇ ପଡିରହିଥିବା ବେଳେ ଜୟପୁରରେ କାର୍ଯ୍ୟକାରି ହୋଇପାରିନାହିଁ । ନିୟମିତ ବ୍ୟବଧାନରେ କମ୍ପାନୀ ପକ୍ଷରୁ ସମ୍ପୃକ୍ତ ପମ୍ପଗୁଡ଼ିକର ତଦାରଖ କରାଯାଉଥିବା ବେଳେ ଉପଖଣ୍ଡର ଅଧିକାଂଶ ପମ୍ପରେ ମୁକ୍ତବାୟୁ ସୁବିଧା ନଥିଲେ ମଧ୍ୟ କେଉଁ ଆଧାରରେ ସେମାନେ ପ୍ରମାଣପତ୍ର ଦେଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପେଟ୍ରୋଲ ପମ୍ପଗୁଡ଼ିକରେ ଥିବା ଅନେକ ବ୍ୟବସ୍ଥାର ତଦାରଖ ଦାୟିତ୍ୱ କେବଳ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଅଧୀନରେ ରହୁଛି। ଯାହାଫଳରେ ଏଭଳି ଅସୁବିଧା ଜିଲ୍ଲା ପ୍ରଶାସନ ଜାଣିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିବା ଅସମ୍ଭବ ହୋଇପଡୁଥିବା ଦେଖାଯାଉଛି । ଫଳରେ ପମ୍ପ ମାଲିକମାନେ ମନଇଚ୍ଛା ଗ୍ରାହକଙ୍କୁ ଦିନ ଦୁଇ ପ୍ରହରରେ ଠକୁଛନ୍ତି । ଏ ଦିଗରେ ପେଟ୍ରୋଲିୟମ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ପେଟ୍ରୋଲ ପମ୍ପରେ ମୌଳିକ ସୁବିଧା ନଥିବାଯୋଗୁ ଯାତ୍ରୀ, ସାଧାରଣ ଜନତା, ବହୁତ ହଇରାଣ ହରକତ ହେଉଥିବା ଜଣାଯାଇଛି । ଏହାସହ ଡ୍ରାଇଭରମାନେ ବହୁତ ହଇରାଣ ହେଉଥିବା ବେଳେ ଯେଉଁ ପେଟ୍ରୋଲ ପମ୍ପରେ ସୁବଧା ରହିଛି ତାହା ସ୍ୱଚ୍ଛ ରଖାଯାଉନାହିଁ। ଅପରିଷ୍କାର ପରିବେଶରେ ରହିଥିବା ଜଣାଯାଇଛି ।

# ଐତିହାସିକ ବିଜୟର ଦିନକ ପରେ ପଦ ଛାଡ଼ିଲେ ଆୟର୍ଲାଣ୍ଡ ପ୍ରଶିକ୍ଷକ

**ଡବ୍‌ଲିନ**

ଭାରତ ବିପକ୍ଷରେ ଦ୍ୱିତୀୟ ଟି-୨୦ ଜିତି ଆୟର୍ଲାଣ୍ଡ ସିରିଜ କବ୍‌ଜା କରିଥିଲା। ପ୍ରଥମ ଥର ପାଇଁ ଆୟର୍ଲାଣ୍ଡ କୌଣସି ଫର୍ମାଟରେ ଟିମ୍ ଇଣ୍ଡିଆ ବିପକ୍ଷରେ ସିରିଜ ଜିତିଥିଲା। ଏହି ଐତିହାସିକ ବିଜୟ ପରେ, ଆୟର୍ଲାଣ୍ଡକୁ ଏକ ବଡ଼ ଝଟ୍‌କା ଲାଗିଲା। ମୁଖ୍ୟ କୋଚ୍ ହେନରିଚ୍ ମାଲାନ ତାଙ୍କ ଚୁକ୍ତି ଶେଷ ହେବା ପୂର୍ବରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ମାଲାନଙ୍କ ଚୁକ୍ତି ୨୦୨୭ ଆରମ୍ଭ ପର୍ଯ୍ୟନ୍ତ ଥିଲା, କିନ୍ତୁ ସେ ଏହା ପୂର୍ବରୁ ପଦ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। ଆୟର୍ଲାଣ୍ଡ କ୍ରିକେଟ ବୋର୍ଡ ସୋମବାର ଘୋଷଣା କରିଛି ଯେ, ହେନରିଚ ମାଲାନ ପୁରୁଷ ଦଳର ମୁଖ୍ୟ କୋଚ ପଦ ଛାଡ଼ି ଦେଉଛନ୍ତି।

୪୫ ବର୍ଷୀୟ ହେନରିଚ ମାଲାନ ୨୦୨୨ ରେ ମୁଖ୍ୟ କୋଚ ନିଯୁକ୍ତ ହୋଇଥିଲେ। ସେ ଚାରି ବର୍ଷରୁ ଅଧିକ ସମୟ ପାଇଁ ଏହି ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଶିକ୍ଷଣରେ, ଆୟର୍ଲାଣ୍ଡ ଅନେକ ସଫଳତା ହାସଲ କରିଥିଲେ, ଯାହା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଭାରତ ବିପକ୍ଷରେ ଟି-୨୦ ସିରିଜ ଜିତିବା। ଏହା ବ୍ୟତୀତ ଦଳ ଲଗାତାର ତିନିଥର ଟି-୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଆୟର୍ଲାଣ୍ଡର ପ୍ରଥମ ତିନୋଟି ଟେଷ୍ଟ ବିଜୟ ମଧ୍ୟ ହେନରିଚଙ୍କ ଅଧୀନରେ ଆସିଥିଲା।



# ୨୦୨୮ ଅଲିମ୍ପିକ୍ସରେ ଖେଳିବା ପାଇଁ ସ୍ଥାନ ପକ୍କା କଲା ଭାରତୀୟ ମହିଳା କ୍ରିକେଟ୍ ଦଳ

**ନୂଆଦିଲ୍ଲୀ**

୨୦୨୮ ଲସଏଞ୍ଜେଲ୍ସରେ ଅନୁଷ୍ଠିତ ହେବାକୁ ଥିବା ଅଲିମ୍ପିକ୍ସରେ ପୁରୁଷ ଦଳ ପରେ ସ୍ଥାନ ପକ୍କା କରିଛି ଭାରତୀୟ ମହିଳା ଦଳ। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଭାରତୀୟ ମହିଳା ଦଳର ଯୋଗ୍ୟତାକୁ ଅନୁମତି ଦେଇଛି। ଦୀର୍ଘ ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ କ୍ରିକେଟ ଫେରିଥିବା ବେଳେ ମହିଳା ଦଳ ଯୋଗ୍ୟତା ହାସଲ କରିଛି। ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ୬-୬ଟି ଟିମ୍ ଗୋଲ୍ଡ ମେଡାଲ ପାଇଁ ପ୍ରତିଯୋଗିତା କରିବେ। ଟି-୨୦ ଫର୍ମାଟରେ ମୁକାବିଲା ଅନୁଷ୍ଠିତ ହେବାକୁ ଥିବାବେଳେ ଆଇସିସିର ର୍‍ୟାଙ୍କିଂ



ହିସାବରେ ଦଳ ଚୟନ ହେବେ।

ଭାରତୀୟ ମହିଳା ଦଳ ସହ ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ୍ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ସେପଟେ କିନ୍ତୁ ଖେଳାଯାଉଥିବା ମହିଳା ଟି-୨୦ ବିଶ୍ୱର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି ଭାରତୀୟ ମହିଳା ଦଳ। ରବିବାର ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପରାଜୟ ପରେ ସେମି ରେସ୍‌ରୁ ବାଦ୍ ପଡ଼ିଛି ଟିମ୍ ଇଣ୍ଡିଆ। ତେବେ ପୁରୁଷ ଦଳକୁ ଯୋଗ୍ୟତା ଅର୍ଜନ କରିବା ପାଇଁ ୬ ମାସ ଅପେକ୍ଷା କରିବାକୁ ପଡ଼ିବ। କଟ୍-ଅଫ୍ ସମୟ ରହିଛି ଡିସେମ୍ବର ୩୧, ୨୦୨୬। ଭାରତ ସିଧାସଳଖ ଯୋଗ୍ୟତା କରିବାକୁ ହେଲେ ଏସୀଆରେ ଟି-୨୦ ରାଙ୍କିଂରେ ନମ୍ବର ୱାନ୍ ହେବାକୁ ପଡ଼ିବ। ଭାରତ ଏବେ ଆୟାର୍ଲାଣ୍ଡଠାରୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ହାରିଛି। ଯାହାକି ଦଳ ଉପରେ ପ୍ରଭାବ ପକାଇବ।

# ସୂର୍ଯ୍ୟବଂଶୀଙ୍କୁ ନ ଖେଳାଇବାକୁ ନେଇ ପ୍ରଶ୍ନ ଉଠାଇଲେ ଗାଭାସ୍କର

**ମୁମ୍ବାଇ**

କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଆୟର୍ଲାଣ୍ଡ ବିପକ୍ଷ ଶୃଙ୍ଖଳାରେ ଖେଳାଯାଇ ନ ଥିବାରୁ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି କିମ୍ବଦନ୍ତି ବ୍ୟାଟର ସୁନୀଲ ଗାଭାସ୍କର। ସେ କହିଛନ୍ତି ଯେ ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା ପୂର୍ବରୁ ଆୟର୍ଲାଣ୍ଡ ବିପକ୍ଷରେ ବୈଭବଙ୍କୁ ଭାରତୀୟ ଦଳରେ ସାମିଲ କରାଯିବ ବୋଲି ସେ



ଆଶା କରୁଥିଲେ। ଏପରି କରାଯାଇ ନ ଥିବାରୁ ସେ ଚୂଡ଼ାନ୍ତ ଏକାଦଶ ଚୟନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଭାରତୀୟ ଦଳ ନିଜର ବର୍ତ୍ତମାନର ଓପନର ଅଭିଷେକ ଶର୍ମା ଓ ସଂଜୁ ସାମସନଙ୍କୁ ମଧ୍ୟରେ ଅଦଳବଦଳ କରି ଦୁଇଟି ଯାକ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀଙ୍କୁ ଖେଳାଇ ଥାନ୍ତା ବୋଲି ସେ ଆଶା କରୁଥିଲେ। ଏପରି କରାଯାଇଥିଲେ ଇଂଲଣ୍ଡ ମ୍ୟାଚ୍ ପୂର୍ବରୁ ତାଙ୍କ ଉପରେ ଅନ୍ତର୍ଜାତୀୟ ପଦାର୍ପଣର ଚାପ କିଛିଟା ହ୍ରାସ ପାଇଥାନ୍ତା।

"ମୁଁ ଭାବୁଥିଲି ଇଂଲଣ୍ଡ ପରି ଆୟର୍ଲାଣ୍ଡ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ହୋଇନଥିବାରୁ ସେଠାରେ ବୈଭବଙ୍କୁ ଖେଳାଇବେ। ପ୍ରଥମ ମ୍ୟାଚ୍‌ରେ ସେ ଅଭିଷେକ କିମ୍ବା ସଂଜୁଙ୍କ ସହ ଓପନିଂ କରିଥାନ୍ତେ ଓ ଦ୍ୱିତୀୟ ମ୍ୟାଚ୍‌ରେ ସେମାନଙ୍କ ମଧ୍ୟରୁ ଜଣକ ସହ ଓପନିଂ କରିଥାନ୍ତେ। ବୈଭବଙ୍କ ପରି ଖେଳାଳିଙ୍କୁ ଦଳ ଅଧିକ ଦିନ ହେୟଜ୍ଞାନ କରିପାରିବ ନାହିଁ ଓ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ତାଙ୍କୁ ନିଶ୍ଚୟ ଖେଳାଯିବ'' ସେ କହିଛନ୍ତି।

# ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ : ଶ୍ରୀକାନ୍ତ ଉପବିଜେତା



**ଫୁଲର୍ଟନ**

ଲଢୁଆ ଖେଳ ପ୍ରଦର୍ଶନ ସତ୍ତ୍ୱେ ଭାରତର କିଦାମ୍ବି ଶ୍ରୀକାନ୍ତ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଫାଇନାଲ୍‌ରେ ପରାସ୍ତ ହୋଇ 'ଉପବିଜେତା' ଟାଇଟଲ୍‌ରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଏକକ ଫାଇନାଲ୍‌ରେ ସେ ଚାଇନିଜ୍ ତାଇପେଇର ସୁ ଲି ୟାଙ୍ଗଙ୍କଠାରୁ ୧୫-୨୧, ୨୧-୧୫, ୯-୨୧ରେ ହାରିଯାଇଥିଲେ।

୨୦୨୧ ବିଶ୍ୱ ଚାମ୍ପିଅନସିପରେ ରୌପ୍ୟ ବିଜେତା ଶ୍ରୀକାନ୍ତ ପ୍ରଥମ ସେଟ୍‌କୁ ୧୫-୨୧ରେ ହାରିବା ପରେ ଦ୍ୱିତୀୟ ସେଟ୍‌ରେ ଜୋରଦାର୍ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ୨୧-୧୫ରେ ଜିତିନେଇଥିଲେ। କିନ୍ତୁ ତୃତୀୟ ସେଟ୍‌କୁ ସେ ୯-୨୧ରେ ହାରି ମ୍ୟାଚ୍ ହାତଛଡ଼ା କରିଥିଲେ। ଶ୍ରୀକାନ୍ତ ଗତ ବର୍ଷ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଓ ସୟଦ ମୋଦୀ ଇଣ୍ଟରନ୍ୟାସ୍‌ନାଲ୍ ସୁପର ୩୦୦ରେ ଉପବିଜେତା ହୋଇଥିଲେ। ଚଳିତ ଋତୁରେ ଏହା ତାଙ୍କର ପ୍ରଥମ ଫାଇନାଲ୍ ଥିଲା। ମହିଳା ଏକକରେ ଡେନମାର୍କର ଏଲ.କ୍ରିଷ୍ଟୋଫରସେନ ବିଜୟୀ ହୋଇଛନ୍ତି। ସେ ବୁଲଗେରିଆର କାଲୋୟାନା ନାଲବାନଟୋଭାଙ୍କୁ ୨୧-୧୬, ୧୬-୨୧, ୨୧-୧୧ରେ ପରାସ୍ତ କରିଛନ୍ତି।

# କ୍ରିକେଟରେ ନିରାଶା ପରେ ହକିରେ ମହାବିଜୟ : ଇଂଲଣ୍ଡକୁ ସୁଟ୍‌ଆଉଟ୍‌ରେ ହରାଇଲା ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ନିଜର ଶେଷ ମ୍ୟାଚ୍‌ରେ ଭାରତୀୟ ପୁରୁଷ ହକି ଦଳ ଚମତ୍କାର ପ୍ରଦର୍ଶନ କରି ଇଂଲଣ୍ଡକୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୩-୨ ରେ ହରାଇଛି। ଲି ଭ୍ୟାଲି ହକି ଆଣ୍ଡ ଟେନିସ୍ ସେଣ୍ଟରରେ ନିର୍ଦ୍ଧାରିତ ୬୦ ମିନିଟ୍ ମଧ୍ୟରେ କୌଣସି ଦଳ ଗୋଲ୍ କରିପାରି ନଥିଲେ, ଯାହା ପରେ ସୁଟ୍‌ଆଉଟ୍ ଜରିଆରେ ମ୍ୟାଚ୍‌ର ନିଷ୍ପତ୍ତି ହୋଇଥିଲା। ଭାରତ ପକ୍ଷରୁ ଅଭିଷେକ, ଶିଳାନନ୍ଦ ଲାକ୍ରା ଏବଂ ହାର୍ଦ୍ଦିକ ସିଂ ସୁଟ୍‌ଆଉଟ୍‌ରେ ଗୋଲ୍ ଦେଇଥିଲେ। ଅନ୍ୟପଟେ ଭାରତର ଚମତ୍କାର ଡିଫେଣ୍ଡର ଭୂମିକା ନିଭାଇଥିବା ସଞ୍ଜୟଙ୍କୁ 'ପ୍ଲେୟାର୍ ଅଫ୍ ଦି ମ୍ୟାଚ୍' ଚୟନ କରାଯାଇଛି।

ମ୍ୟାଚ୍ ଆରମ୍ଭରୁ ଇଂଲଣ୍ଡ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲା। ପ୍ରଥମ କ୍ୱାର୍ଟରରେ ହିଁ ଆୟୋଜକ ଦଳକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା କିନ୍ତୁ ଭାରତୀୟ ଗୋଲକିପର ମୋହିତ ଶଶିକମାର ଚମତ୍କାର ପ୍ରଦର୍ଶନ କରି ଦଳକୁ ପ୍ରାରମ୍ଭିକ ଝଟ୍‌କାରୁ ବଞ୍ଚାଇ ଦେଇଥିଲେ। ଭାରତୀୟ ଗୋଲକିପର କ୍ରମାଗତ ଭାବେ ଅନେକ ଚମତ୍କାର ସେଭ୍ କରିଥିଲେ ଏବଂ ଇଂଲଣ୍ଡ ଖେଳାଳିମାନଙ୍କୁ ଗୋଲ୍ କରିବାର କୌଣସି ସୁଯୋଗ ଦେଇ ନଥିଲେ। ଭାରତ ପକ୍ଷରୁ ପ୍ରଥମ କ୍ୱାର୍ଟରରେ ସବୁଠାରୁ ଭଲ ସୁଯୋଗ ଅଭିଷେକଙ୍କୁ ମିଳିଥିଲା, କିନ୍ତୁ ସେ ମଧ୍ୟ ଏହାକୁ ଗୋଲ୍‌ରେ ପରିଣତ କରିବାରେ ବିଫଳ ହୋଇଥିଲେ। ପ୍ରଥମ କ୍ୱାର୍ଟରରେ ଉଭୟ ଦଳର ସ୍କୋର ୦-୦ ରହିଥିଲା।

ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଇଂଲଣ୍ଡ ଭାରତୀୟ ଡିଫେନ୍ସ ଉପରେ କ୍ରମାଗତ ଭାବେ ଚାପ ପକାଇବାକୁ ଚେଷ୍ଟା କରିଥିଲା। ଇଂଲଣ୍ଡ ଅନେକ ଥର ଭାରତୀୟ 'ଡି' ଭିତରକୁ ପ୍ରବେଶ କରିଥିଲା, କିନ୍ତୁ ଭାରତୀୟ ଡିଫେନ୍ସ ପ୍ରତିଟି ଆହ୍ୱାନର ଦୃଢ଼ତାର ସହ ସାମ୍ନା କରିଥିଲା। ଅନ୍ୟପଟେ ଭାରତ ମଧ୍ୟ ପାଲଟା ଆକ୍ରମଣ କରିଥିଲା। ଜରମନପ୍ରୀତ ସିଂ ଏକ ଚମତ୍କାର ଶଟ୍ ମାରି ଗୋଲ୍ କରିବାକୁ ପ୍ରୟାସ କରିଥିଲେ କିନ୍ତୁ ଇଂଲଣ୍ଡର



ଗୋଲକିପର ସୁନ୍ଦର ଭାବେ ଏହାକୁ ଅଟକାଇ ଭାରତକୁ ଅଗ୍ରଣୀ ହେବାରୁ ରୋକିଥିଲେ। ହାଫ୍ ଟାଇମ୍ ପର୍ଯ୍ୟନ୍ତ ଉଭୟ ଦଳ ପକ୍ଷରୁ ଅନେକ ପ୍ରୟାସ କରାଯାଇଥିଲେ ବି କାହାକୁ ସଫଳତା ମିଳି ନଥିଲା।

ତୃତୀୟ କ୍ୱାର୍ଟରରେ ଭାରତୀୟ ଦଳ ଅଧିକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଅଧିନାୟକ ହାର୍ଦ୍ଦିକ ସିଂ ମିଡଫିଲ୍ଡରୁ ଚମତ୍କାର ଭାବେ ଦୌଡ଼ି ଆକ୍ରମଣ କରିଥିଲେ ଏବଂ ମନଦୀପ ସିଂଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି କରିଥିଲେ, କିନ୍ତୁ ଇଂଲଣ୍ଡର ଗୋଲକିପର ପୁଣି ଥରେ ଚମତ୍କାର ପ୍ରଦର୍ଶନ କରି ଏହାକୁ ଅଟକାଇ ଦେଇଥିଲେ। ହାର୍ଦ୍ଦିକ ମ୍ୟାଚ୍ ଉପରେ ନିଜର ପ୍ରଭାବ ବଜାୟ ରଖିଥିଲେ ଏବଂ ୩୭ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ଦେଇଥିଲେ, କିନ୍ତୁ ଅମନଦୀପ ଲାକ୍ରା ଏହାକୁ ଗୋଲ୍‌ରେ ପରିଣତ କରିପାରି ନଥିଲେ।

ତୃତୀୟ କ୍ୱାର୍ଟରର ଶେଷ ଭାଗରେ ଏକ ବଡ଼ ଟର୍ଣ୍ଣିଂ ପଏଣ୍ଟ ଆସିଥିଲା, ଯେତେବେଳେ ୟଶଦୀପ ସିଂ ହେନେରୀ କ୍ରଫ୍ଟଙ୍କ ଉପରେ ଫାଉଲ୍ କରିଥିବା ଅଭିଯୋଗରେ ଇଂଲଣ୍ଡକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା, କିନ୍ତୁ ଭାରତ ତୁରନ୍ତ ଭିଡିଓ ରେଫରାଲ୍ ନେଇଥିଲା। ରିପ୍ଲେରେ ସ୍ପଷ୍ଟ ଦେଖାଯାଇଥିଲା ଯେ ଭାରତୀୟ ଖେଳାଳିଙ୍କ ଟ୍ୟାକଲ୍ ସଠିକ୍ ଥିଲା, ଯାହା ପରେ ଅମ୍ପାୟାରଙ୍କୁ ନିଜ ନିଷ୍ପତ୍ତି ବଦଳାଇବାକୁ ପଡ଼ିଥିଲା ଏବଂ ନିକୋଲାସ୍ ପାର୍କଙ୍କୁ ଗ୍ରୀନ୍ କାର୍ଡ ଦିଆଯାଇଥିଲା। ଏହାର ତୁରନ୍ତ ପରେ ଭାରତକୁ ଆଉ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା, କିନ୍ତୁ ଇଂଲଣ୍ଡର ଗୋଲକିପର ପୁଣି ଥରେ ଚମତ୍କାର ସେଭ୍ କରିଥିଲେ।

ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ ବିଜୟ ପାଇଁ ପୂରା ଶକ୍ତି ଲଗାଇ ଦେଇଥିଲେ। ଭାରତୀୟ ଗୋଲକିପର ସୂରଜ କର୍କେରା ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଅନେକ ଗୁରୁତ୍ୱପୂର୍ଣ୍ଣ ଗୋଲ୍ ଅଟକାଇଥିଲେ। ଭାରତକୁ କ୍ରମାଗତ ଭାବେ କିଛି ପେନାଲ୍ଟି କର୍ଣ୍ଣର ମିଳିଥିଲା, କିନ୍ତୁ ଇଂଲଣ୍ଡର ଡିଫେନ୍ସ ଦୃଢ଼ ରହିଥିଲା। ଶେଷ ମିନିଟଗୁଡ଼ିକରେ ଇଂଲଣ୍ଡକୁ ମଧ୍ୟ ପେନାଲ୍ଟି କର୍ଣ୍ଣର ମିଳିଥିଲା, ହେଲେ ଭାରତ ପୁଣି ଥରେ ଭିଡିଓ ରେଫରାଲ୍ ନେଇଥିଲା ଏବଂ ନିଷ୍ପତ୍ତି ଭାରତ ସପକ୍ଷରେ ଯାଇଥିଲା।

ଏହା ପରେ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ କୌଣସି ଗୋଲ୍ ହୋଇପାରି ନଥିଲା। ଶେଷରେ ସୁଟ୍ ଆଉଟ୍ ଜରିଆରେ ମ୍ୟାଚ୍‌ର ନିଷ୍ପତ୍ତି ହୋଇଥିଲା, ଯେଉଁଠାରେ ଭାରତ ଦମଦାର ପ୍ରଦର୍ଶନ କରି ବାଜି ମାରିନେଇଥିଲା। ଭାରତ ପକ୍ଷରୁ ଅଭିଷେକ, ଶିଳାନନ୍ଦ ଲାକ୍ରା ଏବଂ ହାର୍ଦ୍ଦିକ ସିଂ ଗୋଲ୍ କରିଥିଲେ, ଅନ୍ୟପଟେ ଭାରତୀୟ ଡିଫେନ୍ସ ମଧ୍ୟ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲା। 'ପ୍ଲେୟାର୍ ଅଫ୍ ଦି ମ୍ୟାଚ୍' ଚୟନ କରାଯାଇଥିବା ସଞ୍ଜୟ ଡିଫେନ୍ସରେ ନିଜର ସୁନ୍ଦର ଖେଳ ପ୍ରଦର୍ଶନ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ମୋହିତ ଶଶିକମାର ଏବଂ ସୂରଜ କର୍କେରା ଉଭୟ ଗୋଲକିପର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଚମତ୍କାର ପ୍ରଦର୍ଶନ କରି କ୍ଲିନ୍ ଶିଟ୍ ବଜାୟ ରଖିବାରେ ବିଶେଷ ଯୋଗଦାନ ଦେଇଥିଲେ। ହକି ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳର ଏହା ଶେଷ ମୁକାବିଲା ଥିଲା।

## ବ୍ରିଟିଶ ଓ ଆଇରିଶ୍ ପାରା ବ୍ୟାଡ୍‌ମିଣ୍ଟନ ୨୦୨୬

# ଡବଲ୍ ପଦକ ହାସଲ କଲେ ପ୍ରମୋଦ ଭଗତ

**ଭୁବନେଶ୍ୱର**

ବ୍ରିଟିଶ ଓ ଆଇରିଶ୍ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ୍-୨୦୨୬ରେ ଓଡ଼ିଶାର ଷ୍ଟାର୍ ଖେଳାଳି ପ୍ରମୋଦ ଭଗତ ଡବଲ୍ ପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ରେ ସ୍ୱର୍ଣ୍ଣ ଏବଂ ମିକ୍ସଡ୍ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ।

ପୁରୁଷ ବର୍ଗ ଫାଇନାଲରେ ପ୍ରମୋଦ ସିଧାସଳଖ ୨୩-୨୧, ୨୧-୧୪ ଗେମ୍‌ରେ ନିଜ ଦେଶର ନିତେଶ କୁମାରଙ୍କୁ ପରାସ୍ତ କରିଥିଲେ। ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୪୪ମିନିଟ୍ ସମୟ ଲାଗିଥିଲା।



ସେହିପରି ମିକ୍ସଡ୍ ଡବଲ୍ସରେ ମନୀଷାଙ୍କୁ ସାଥୀ କରି ପ୍ରମୋଦ ବ୍ରୋଞ୍ଜ ଜିତିଥିଲେ।

# ୨୭ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ତହସିଲ ପକ୍ଷରୁ ରଘୁନାଥପୁର ଲେପ୍ରୋସି କଲୋନୀ ଠାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୭ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ମାନଙ୍କୁ ପଟ୍ଟା ଓ ଶିରୋନାମା ବଣ୍ଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ,




ରାଜ୍ୟ ସରକାର ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ରହିଛନ୍ତି। ଜଙ୍ଗଲ ଜମିର ବୈଧ ଅଧିକାର ପ୍ରଦାନ ହିତାଧିକାରୀଙ୍କ ଜୀବନଜୀବିକା ଓ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲବାସୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରିଥିଲେ। ବାରିପଦା ତହସିଲଦାର ସପନ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜଙ୍ଗଲ ଜମି ଅଧିକାର ପ୍ରଦାନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଏବଂ ବାରିପଦା ବିଧାୟକ କେତେକ ହିତାଧିକାରୀଙ୍କ ବାସଭବନକୁ ପରିଦର୍ଶନ କରି ସେମାନଙ୍କ ହାତରେ ଜଙ୍ଗଲ ଜମି ପଟ୍ଟା ଓ ଶିରୋନାମା ପ୍ରଦାନ କରିଥିଲେ। ଏହି ଅବସରରେ ସେମାନେ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ବାରିପଦାର ଅତିରିକ୍ତ ତହସିଲଦାର ସଦାନନ୍ଦ ଡେଲକି ଏବଂ ଭରତ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ବହୁ ସଂଖ୍ୟକ ହିତାଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସାହିତ୍ୟିକ ଦୁର୍ଗାଚରଣ ସାହୁଙ୍କ ବିୟୋଗରେ ଶୋକସଭା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାହିତ୍ୟିକ ତଥା ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଦୁର୍ଗାଚରଣ ସାହୁଙ୍କ ବିୟୋଗରେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟସଂସ୍ଥା ପଞ୍ଚଧ୍ୱନି ନାଟ୍ୟ ପରିଷଦର ରାଧାକୃଷ୍ଣ ନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇ ତାଙ୍କର ସ୍ମୃତିଚାରଣ କରିବା ସହିତ ଦିବଂଗତଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦୀର୍ଘ ଦିନ ଧରି ସେ ପଞ୍ଚଧ୍ୱନି ନାଟ୍ୟ ପରିଷଦର ମୁଖ୍ୟ ଉପଦେଷ୍ଟା ଥିବା ସହିତ ନାଟ୍ୟ ସଂସ୍ଥାର ଉନ୍ନତି ପରିକଳ୍ପେ ସର୍ବଦା ଚେଷ୍ଟିତ ଥିଲେ। କେବଳ ପଞ୍ଚଧ୍ୱନି ନୁହେଁ ଭୁବନେଶ୍ୱରର ପ୍ରତିଟି ନାଟ୍ୟ ସଂସ୍ଥା ସହ ତାଙ୍କର ସୁସମ୍ପର୍କ ଥିଲା ଓ ଜଣେ ବିଜ୍ଞ ଦର୍ଶକ ଭାବରେ ସବୁ ନାଟକକୁ ପ୍ରେକ୍ଷାଳୟର ଆଗ ଧାଡ଼ିରେ ବସି ନିୟମିତ ଦେଖୁଥିଲେ। ସେ ଜଣେ ଉଚ୍ଚକୋଟିର ରମ୍ୟ ରଚନାକାର ଓ ତାଙ୍କର ଏକାଧିକ ଭ୍ରମଣ କାହାଣୀ ପୁସ୍ତକ ଆକାରରେ ପ୍ରକାଶିତ ହୋଇଅଛି। ଜୟଦେବଙ୍କ ଗୀତଗୋବିନ୍ଦକୁ ସେ ଓଡ଼ିଆ ପଦ୍ୟାବଳୀରେ ନିଜସ୍ୱ ଶୈଳୀରେ ଅନୁବାଦ କରି ସାହିତ୍ୟିକ ଓ ସଙ୍ଗୀତଜ୍ଞଙ୍କ ମହଲରେ ପ୍ରଶଂସିତ ହୋଇଥିଲେ। ନିକଟରେ ପ୍ରାଚୀନ କୌଣ୍ଡିନ୍ୟରାଜବଂଶ ଓ କଳିଙ୍ଗବୀରଙ୍କ ଇତିହାସ ଆଧାରିତ 'କାବ୍ୟକୌଣ୍ଡିନ୍ୟ' ନାମକ ଏକ ରୋମାଞ୍ଚକର ଗୀତି କାବ୍ୟ ରଚନା କରି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ସମ୍ବାଦ କଳିକା' ଦୈନିକରେ ପ୍ରତି ଶନିବାର ନିୟମିତ ଭାବେ ତାଙ୍କର ସ୍ତମ୍ଭ ଗତ ବାର ବର୍ଷ ଧରି ପ୍ରକାଶିତ ହୋଇ ଆସୁଥିଲା। ତାଙ୍କର ନାଟ୍ୟ ପ୍ରୀତି, ସର୍ଜନଶୀଳ ପ୍ରତିଭା ଓ ଅମାୟିକ ବ୍ୟବହାର ପାଇଁ ସେ ସମସ୍ତଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବେ ବୋଲି ଶୋକ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ଶୋକସଭାରେ ନାଟ୍ୟକାର ତଥା ପଞ୍ଚଧ୍ୱନି ନାଟ୍ୟ ପରିଷଦର ଅଧକ୍ଷ ପଞ୍ଚାନନ ଦାଶଙ୍କ ସମେତ କରୁଣାକର ସାମଲ, ପ୍ରକାଶ ମହାରଣା, ଜ୍ୟୋତିରଞ୍ଜନ ରାୟ, ସନ୍ତୋଷ କୁମାର ପଟ୍ଟନାୟକ, ମଳୟ କୁମାର ମହାନ୍ତି, କେ. ଚନ୍ଦ୍ର ଶେଖର ସୁବୁଦ୍ଧି ଆଦି କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
25001/563/2627
'E' PROCUREMENT NOTICE NO.RWD-II/JJPR-03/2026-27

1. Name of work : Special Repair to Road works in the District of Jajpur for the year 2026-27
2. Total No of Work : 03 nos. Of works.
3. Estimated Cost(Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows:
a) Procurement officer : Superintending Engineer Rural Works Division-II, Jajpur at Jaraka
b) Availability of tender online & submission of bid : 03.07.2026 at 11.00 AM to 13.07.2026 upto 5.00 PM
c) Last date & time of seeking of tender clarification : 10.07.2026 upto 4.00 PM
d) Opening of Tender (Technical) : 14.07.2026 at 11.00 AM

Further details can be seen from the Govt. website www.tendersodisha.gov.in

Sd/- Superintending Engineer
Rural Works Division-II
Jajpur at Jaraka
OIPR-25001/25080/1/26-27/0004

OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No.4286 Date:- 18.06.2026
25001/577/2627
"e" Procurement Notice for Special Repair to Roads for year 2025-26.
Bid Identification No - RWDKNJ-05/2026-27

1. Name of the work : Road Works (As per Annexure)
2. Estimated Cost : Rs. 5.93 to Rs.19.49 Lakhs Approximately (As per Annexure).
3. Class of Contractor : 'D','C' Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-05/26-27. | Dt. 30.06.2026 at 11.00 A.M. | Dt.08.07.2026 up to 5.00 P.M. | Dt.07.07.2025 up to 1.00 P.M. | Dt.09.07.2026 at 11.00 A.M. |

Sd/- Executive Engineer
R.W. Division, Karanjia
OIPR-25001/25086/1/26-27/0005

## ଶୈଳବାଳା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ

# 'କୃତ୍ରିମ ବୁଦ୍ଧିମତା ଯୋଗୁ ସୃଜନଶୀଳତା କମିବାରେ ଲାଗିଛି'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସମୂହର ହିତ ସାଧନ ହେଉଛି ସାହିତ୍ୟ। ସାହିତ୍ୟ ସମ୍ପର୍କ ଯୋଡ଼ିବାର ପ୍ରମୁଖ ମାଧ୍ୟମ। ଭଲ ସାହିତ୍ୟ ମଣିଷଙ୍କୁ ଏକ ଉତ୍ତମ ମଣିଷ ଭାବରେ ଗଢ଼ି ତୋଳେ। ତେଣୁ ସାହିତ୍ୟିକ ମାନେ ସାହିତ୍ୟର ଉଦ୍ଦେଶ୍ୟ ଓ ଦାୟିତ୍ୱ ଉପରେ ଅବଗତ ହେବା ଆବଶ୍ୟକ। ବୁଦ୍ଧମନ୍ଦିରରେ ଆୟୋଜିତ 'ଶୈଳବାଳା ସାହିତ୍ୟ ସଂସଦ'ର ଦଶମ ବାର୍ଷିକ ସାରସ୍ୱତ ସମାରୋହରେ ଯୋଗଦେଇ ଅତିଥିମାନେ ଏଭଳି କହିଛନ୍ତି।



କାର୍ଯ୍ୟକ୍ରମକୁ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି ସାହିତ୍ୟ ହୃଦୟକୁ ହୃଦୟ ସହ ଯୋଡ଼େ ବୋଲି କହିଥିଲେ। ବର୍ତ୍ତମାନ କୃତ୍ରିମ ବୁଦ୍ଧିମତାର ବହୁଳ ପ୍ରୟୋଗ ଯୋଗୁ ମନୁଷ୍ୟର ସୃଜନଶୀଳତା କମିବାରେ ଲାଗିଛି। ତେଣୁ ଏହାର ବ୍ୟବହାର ବଦଳରେ ସମସ୍ତେ ପୁସ୍ତକ ପଠନ ମନସ୍କ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ତଥା ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ କହିଲେ, ସାହିତ୍ୟ ଉତ୍ସବ ହେଉଛି ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ଉତ୍ସବ। ଗଣତନ୍ତ୍ରର ଅବକ୍ଷୟରେ ଅଙ୍କୁଶ ଲଗାଇବା ସହିତ ଏହାର ସୁରକ୍ଷା ପାଇଁ ସାହିତ୍ୟ ଅନୁଷ୍ଠାନମାନେ ଏକାଠି ହୁଅନ୍ତୁ। ସାହିତ୍ୟିକମାନେ ଏକ ସୁସ୍ଥ ରାଜନୀତି କିଭଳି ସୃଷ୍ଟି ହେବ ସେଥିପାଇଁ ଚେଷ୍ଟା କରନ୍ତୁ ବୋଲି କହିଥିଲେ।

ମୁଖ୍ୟବକ୍ତା ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ କହିଲେ, ଓଡ଼ିଆ ଅସ୍ମିତାର ଆତ୍ମା ହେଉଛି ସାହିତ୍ୟ ସାହିତ୍ୟକୁ ଉପଯୁକ୍ତ ମର୍ଯ୍ୟାଦା ଦେଲେ ମନୁଷ୍ୟ ପଥଚ୍ୟୁତ ହେବାର ଭୟ ରହେ ନାହିଁ। ସାହିତ୍ୟିକଟିଏ ହେବାକୁ ହେଲେ ସେତିକି ନିଷ୍ଠା, ସାଧନା ଦରକାର ବୋଲି ସେ କହିଥିଲେ। ସଭାପତି ଗୌରଚନ୍ଦ୍ର ମହାପାତ୍ର ସାହିତ୍ୟ ସମାଜର ବିକାଶ ପାଇଁ ସୃଷ୍ଟି ହୁଏ ବୋଲି କହିଥିଲେ। ଏହି ଅବସରରେ ସାହିତ୍ୟିକା ପ୍ରତିଭା ମହାରଥୀଙ୍କୁ 'ଶୈଳବାଳା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ସଂସଦର ମୁଖପତ୍ର 'ଶୈଳଜା' ଓ କାଳିନ୍ଦୀ ଚରଣ ଭଞ୍ଜଙ୍କ କବିତା ପୁସ୍ତକ 'ଅପେକ୍ଷା ଫଗୁଣକୁ ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଦେବାଶିଷ ମହାପାତ୍ର ବିବରଣୀ ପାଠ କରିଥିଲେ। ଉପସଭାପତି ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ବେଦପାଠ କରିଥିବା ବେଳେ ସୌଦାମିନୀ ସାମନ୍ତରାୟ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ପରିଚାଳନା ସମ୍ପାଦକ ଗୋଲୋକ ବିହାରୀ ନାୟକ, କାର୍ଯ୍ୟକାରୀ ସମ୍ପାଦକ ପୂର୍ଣ୍ଣାନନ୍ଦ ମହାନ୍ତି, ବଟକୃଷ୍ଣ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁନ୍ ୨୦୨୬ ମଙ୍ଗଳବାର







କଟକ : ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଭେଟି ଆସୁ ଆରୋଗ୍ୟ କାମନା କଲେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏବଂ ଯୁବନେତା ରଞ୍ଜନ ବିଶ୍ୱାଳ। (ଫଟୋ : ସମ୍ବାଦ କଳିକା)

## ମହାନଦୀରେ ନିଖୋଜ ଥିବା ୩ ଛାତ୍ରଙ୍କ ମୃତଦେହ ଉଦ୍ଧାର

**କଟକ, ନ୍ୟୁଜ ବ୍ୟୁରୋ**

ରବିବାର ଚାରି ଜଣ ସାଙ୍ଗ ମହାନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇ ୩ ଜଣ ଛାତ୍ର ନିଖୋଜ ଥିଲେ। ଜଗତପୁର ଥାନା ଅନ୍ତର୍ଗତ ସାତବାଟିଆ ମହାନଦୀ ଘାଟରେ ରବିବାର ସନ୍ଧ୍ୟାରେ ଘଟିଥିଲା ଏହି ଅଭାବନୀୟ ଘଟଣା। ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜା ଖୋଜି କରାଯିବା ଅବସରରେ ସୋମବାର ସକାଳେ ୩ ନିଖୋଜ ଛାତ୍ରଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ରମାନେ ହେଲେ ମୁକ୍ତି ପ୍ରସାଦ ଦାସ(୨୧), ଅମ୍ଳାନ ପ୍ରସାଦ ନାୟକ(୨୦) ଓ ଅରିଜିତ୍ ସାହୁ(୨୧)।

# ନାଭି ମୁମ୍ବାଇରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା

**ଭୁବନେଶ୍ୱର/ନଭି ମୁମ୍ବାଇ, ୨୯/୬**

ନାଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ ମନ୍ଦିରର ସ୍ନାନ ମଣ୍ଡପକୁ ଶ୍ରୀ ଜିଉଙ୍କୁ ଅଣାଯିବା ପରେ ୧୦୮ ତିର୍ଥ ଜଳରେ ସ୍ନାନ କରାଯାଇଥିଲା । ଏହା ପରେ



ହାତୀ ବେଶ କରାଯାଇଥିଲା । ପରେ ଆଳତୀ ଓ ପୂଜା କରାଯାଇଥିଲା । ଏହି ଉପଲକ୍ଷେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୧ତମ ଏହି ଉତ୍ସବରେ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟ ଓ ସେବକମାନେ ଏହାକୁ ପରିଚାଳଣା କରିଥିଲେ ।ସ୍ୱାମୀ ଅଭେଦେଶାନନ୍ଦ ଓ୍ୱେଲଫାୟାର ସମିତିର ସଭ୍ୟ ସଭ୍ୟ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଜାନନ ବେଶରେ...

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସପି ପ୍ରତୀକ ସିଂଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ମହାପ୍ରଭୁଙ୍କ ହାତୀବେଶ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ ଭକ୍ତ ଓ ଶ୍ରଦ୍ଧାଳୁ । ସ୍ନାନ ଯାତ୍ରାପାଇଁ ବଡ଼ଦାଣ୍ଡ ଶ୍ରଦ୍ଧାଳୁଙ୍କ ସମାଗମରେ ପୁରୀ ଉଠିଥିଲା । ବେଶ ଓଲାଗି ହେବା ପରେ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରାଯାଇ ଅଣସର ପିଣ୍ଡିରେ ରଖାଯିବ। ଅଣସର ପିଣ୍ଡିରେ ରହିବା ପରେ ପାରମ୍ପରିକ ରୀତି ଅନୁଯାୟୀ ପଟି ଦିଅଁଙ୍କୁ ପଟୁଆରରେ ଅଣାଯାଇ ଅଣସର ପିଣ୍ଡି ସମ୍ମୁଖରୁ ଦଶବତାର ପଟି ନିକଟରେ ଏହି ପଟି ଦିଅଁଙ୍କୁ ରଖାଯିବ। ମଙ୍ଗଳବାର ଠାରୁ ଏହି ପଟିଦିଅଁଙ୍କ ସମ୍ମୁଖରେ ସମସ୍ତ ରୀତିନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ୧୯ ଚୁକ୍ତି ...

ଏକ ପୋଷ୍ଟ କରି ତାଙ୍କ ଗସ୍ତ ଭାରତ-ସେସେଲ୍ସ ସମ୍ପର୍କକୁ ଅଧିକ ସମୃଦ୍ଧ କରିଥିବା ଲେଖିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଭାରତ-ସେସେଲ୍ସର ଗତ ୫୦ ବର୍ଷର ସମ୍ପର୍କ ଗଭୀର ବିଶ୍ୱାସ ଓ ସହଭାଗୀ ପ୍ରଗତି ଦ୍ୱାରା ଚିହ୍ନିତ ହୋଇଛି। ଆଗାମୀ ପଚାଶ ବର୍ଷ ନବସୃଜନ, ସ୍ଥିରତା ଓ ସହଭାଗୀ ସମୃଦ୍ଧି ଦ୍ୱାରା ପରିଭାଷିତ ହେବ। ମୋଦୀ ଶନିବାର ସେସେଲ୍ସ ଗସ୍ତରେ ଯାଇଥିଲେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ଗସ୍ତକୁ ଭାରତ-ସେସେଲ୍ସ ସମ୍ପର୍କରେ ମାଇଲଖୁଣ୍ଟ ବୋଲି କହିଛନ୍ତି।

## ଆଫଗାନିସ୍ତାନ...

ସୂଚନା ମନ୍ତ୍ରୀ ତରାର ଏକ୍ସରେ କହିଛନ୍ତି ଯେ ଏହି ଅପରେସନରେ ସୁରକ୍ଷା ବାହିନୀ ମୋଟ ୨୯ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି। ପାକିସ୍ତାନ ଭିତରେ ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନ ଏବଂ କରାଚିରେ ପାକିସ୍ତାନ ରେଞ୍ଜର୍ସ (ସିନ୍ଧ) ମୁଖ୍ୟାଳୟରେ ନିରୀହ ଲୋକଙ୍କ ବିରୋଧରେ ଆତଙ୍କବାଦୀ ଘଟଣା ପରେ ଏହି ଆକ୍ରମଣ ହୋଇଥିଲା। ସେ କହିଛନ୍ତି ଯେ ସୁରକ୍ଷା ବାହିନୀ ବାଜୌର ଜିଲ୍ଲାରେ ଜୁନ ୨୮ ରେ ଚାରି ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଜମାତ୍-ଉଲ୍-ଅହରର କମାଣ୍ଡର ଖାନ୍ ଫାରୋଶ୍ ଓରଫ୍ ଜବଲ୍।

## ସାର ବଣ୍ଟନକୁ ...

ଏହି ଯୋଜନା ସମବାୟ ସମିତିଗୁଡ଼ିକର ଏକ ପ୍ରମୁଖ ଆର୍ଥିକ ସମସ୍ୟାର ସମାଧାନ କରିବ। ସାଧାରଣତଃ ଚାଷ ସମୟ ପୂର୍ବରୁ (ଅଗ୍ରୀମ ଭାବେ) ସାର ଆଣି ମହଜୁଦ ରଖିବା ଯୋଗୁଁ ସମିତିଗୁଡ଼ିକ ଉପରେ ମାତ୍ରାଧିକ ସୁଧ ବୋଝ ପଡ଼ିଥାଏ। କ୍ୟାଶ୍ କ୍ରେଡିଟ୍ ଋଣ ଉପରେ ୧୦୦ପ୍ରତିଶତ ସୁଦ୍ଧ ରିହାତି ପ୍ରଦାନ କରି ରାଜ୍ୟ ସରକାର ଏହି ଆର୍ଥିକ ବାଧାକୁ ଦୂର କରୁଛନ୍ତି, ଯାହାଦ୍ୱାରା ସମବାୟ ସମିତିଗୁଡ଼ିକ ପାଇଁ ସାରର ଅଗ୍ରୀମ ମହଜୁଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ସୁଧ ମୁକ୍ତ ହୋଇପାରିବ। ୬୦ପ୍ରତିଶତ ବଜାର ଅଂଶଧନ ହାସଲ ଲକ୍ଷ୍ୟ: ବେସରକାରୀ ଚ୍ୟାନେଲ ଦ୍ୱାରା ହେଉଥିବା ସାରର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ, ସମବାୟ କ୍ଷେତ୍ର ମାଧ୍ୟମରେ ସାର ବଣ୍ଟନ ପରିମାଣକୁ ବର୍ତ୍ତମାନର ୨୫-୩୦ପ୍ରତିଶତରୁ ବୃଦ୍ଧି କରି ଖରିଫ ୨୦୨୬ ରୁ ୬୦ପ୍ରତିଶତକୁ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆର୍ଥିକ ବ୍ୟୟବରାଦ : ପାଞ୍ଚ ବର୍ଷ ଅବଧି (୨୦୨୬-୨୭ ରୁ ୨୦୩୦-୩୧) ପାଇଁ ସର୍ବମୋଟ ୪୨.୦୦ କୋଟି ଟଙ୍କାର ବଜେଟ୍ ମଞ୍ଜୁର କରାଯାଇଛି, ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାରମ୍ଭିକ ଭାବେ ୫.୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ବ୍ୟାପକ ସାଂସ୍ଥାନିକ ପରିସର: ରାଜ୍ୟର ପ୍ରାୟ ୨,୭୦୦ ପ୍ରାଥମିକ କୃଷି ସମବାୟ ସମିତିକୁ ଏହି ଯୋଜନାରେ ସାମିଲ କରାଯିବ। ସେମାନଙ୍କର ଆବଶ୍ୟକତା ଆଧାରରେ କ୍ୟାଶ୍ କ୍ରେଡିଟ୍ ସୀମା ପ୍ରଦାନ କରାଯିବ। ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହନ: ସାର ବିକ୍ରୟ ସମୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ କ୍ୟୁଆର୍ କୋଡ୍ ମାଧ୍ୟମରେ କାରବାର କରିବାକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରାଯିବ। ସାର କାରବାରକୁ ଆଧୁନିକୀକରଣ କରି, ଏହି ଚାଷୀ-ଅନୁକୂଳ ପଦକ୍ଷେପ ଓଡ଼ିଶାର କୃଷକମାନଙ୍କ ନିକଟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଏବଂ ସଠିକ୍ ସମୟରେ ସାର ପହଞ୍ଚାଇବା ନିଶ୍ଚିତ କରିବ।

## ୨୦୨୬-୨୭ରେ ଦଶମ...

ନାହିଁ। ବୋର୍ଡ ନୂତନ ଭାଷା ନୀତି ସମ୍ପର୍କରେ ବିସ୍ତୃତ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରିଛି। ବୋର୍ଡ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ, ନୂତନ ଭାଷା ନୀତି ବର୍ତ୍ତମାନର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ଏହାର ଅର୍ଥ ହେଉଛି ଚଳିତ ବର୍ଷ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କୁ କୌଣସି ପରିବର୍ତ୍ତନ କିମ୍ବା ଅତିରିକ୍ତ ବିଷୟ ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ। ବୋର୍ଡ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ୭ମ, ୮ମ ଏବଂ ୯ମ ଶ୍ରେଣୀର ଛାତ୍ରଛାତ୍ରୀ ଯେଉଁମାନେ ପୂର୍ବରୁ ଦୁଇଟି ବିଦେଶୀ ଭାଷା ବାଛି ସାରିଛନ୍ତି, ସେମାନେ ସେହି ଭାଷାଗୁଡ଼ିକ ସହିତ ପାଠପଢ଼ା ଜାରି ରଖିପାରିବେ। ତେବେ ସେମାନଙ୍କୁ ସେମାନଙ୍କ ସହିତ ଏକ ଭାରତୀୟ ଭାଷା ଅଧ୍ୟୟନ କରିବାକୁ ପଡିବ। ସିବିଏସଇ କହିଛି ଯେ, ନୂତନ ଭାଷା ନୀତି ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ଏହା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ହଠାତ୍ କୌଣସି ବାଧା ସୃଷ୍ଟି କରିବ ନାହିଁ। ଏହାକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ଶ୍ରେଣୀ ସ୍ତର ଅନୁସାରେ ଏକ ସମୟସୀମା ମଧ୍ୟରେ ଆବଶ୍ୟକୀୟ ଅଧ୍ୟୟନ ସାମଗ୍ରୀ ଯୋଗାଇ ଦିଆଯିବ ।

ଦଶମ ଶ୍ରେଣୀର ୨୦୨୬-୨୭ ବର୍ଷ ପାଇଁ କୌଣସି ପରିବର୍ତ୍ତନ ହେବ ନାହିଁ। ଛାତ୍ରଛାତ୍ରୀମାନେ ପୂର୍ବ ପରି କେବଳ ଦୁଇଟି ଭାଷା ପଢ଼ିବେ। ସେମାନଙ୍କୁ ତୃତୀୟ ଭାଷା ନେବାକୁ ପଡ଼ିବ ନାହିଁ। ନବମ ଶ୍ରେଣୀର ୨୦୨୬-୨୭ ବର୍ଷ ପାଇଁ ଛାତ୍ରଛାତ୍ରୀମାନଙ୍କୁ ତିନୋଟି ଭାଷା ପଢ଼ିବାକୁ ପଡିବ। ତିନୋଟି ମଧ୍ୟରୁ ଅତି କମରେ ଦୁଇଟି ଭାରତୀୟ ଭାଷା ହେବା ଆବଶ୍ୟକ। ଯଦି ଜଣେ ଛାତ୍ର ପୂର୍ବରୁ ଦୁଇଟି ଭାରତୀୟ ଭାଷା, ଯେପରିକି ହିନ୍ଦୀ ଏବଂ ତାମିଲ, ଅଧ୍ୟୟନ କରିସାରିଛନ୍ତି, ତେବେ ସେ ଅନ୍ୟ ଏକ ଭାରତୀୟ ଭାଷା କିମ୍ବା ଇଂରାଜୀ କିମ୍ବା ଫରାସୀ ଭଳି ଏକ ବିଦେଶୀ ଭାଷାକୁ ତୃତୀୟ ଭାଷା ଭାବରେ ବାଛିପାରିବେ। ଯଦି ଜଣେ ଛାତ୍ର ତାମିଲ ଏବଂ ଇଂରାଜୀ ଅଧ୍ୟୟନ କରୁଛନ୍ତି, ତେବେ ତାଙ୍କୁ ତୃତୀୟ ଭାଷା ଭାବରେ ଏକ ଭାରତୀୟ ଭାଷା ଯୋଡିବାକୁ ପଡିବ। ଯଦି ଜଣେ ଛାତ୍ର ଦୁଇଟି ବିଦେଶୀ ଭାଷା, ଯେପରିକି ଇଂରାଜୀ ଏବଂ ଫରାସୀ ଅଧ୍ୟୟନ କରୁଛନ୍ତି, ତେବେ ତାଙ୍କୁ ଏକକାଳୀନ ସ୍ୱତନ୍ତ୍ର ଛାଡ ପ୍ରଦାନ କରାଯିବ। ସେ ଉଭୟ ବିଦେଶୀ ଭାଷା ଅଧ୍ୟୟନ ଜାରି ରଖିପାରିବେ, କିନ୍ତୁ ତାଙ୍କୁ ଏକ ଭାରତୀୟ ଭାଷା ମଧ୍ୟ ଅଧ୍ୟୟନ କରିବାକୁ ପଡିବ। ବର୍ତ୍ତମାନ, ୯ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ତୃତୀୟ ଭାଷାରେ ସିବିଏସଇ ବୋର୍ଡ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ଏହି ଭାଷା କେବଳ ସ୍କୁଲ ସ୍ତରରେ ମୂଲ୍ୟାୟନ କରାଯିବ। ସପ୍ତମ-ଅଷ୍ଟମ ଶ୍ରେଣୀର ୨୦୨୬-୨୭ ବର୍ଷର ଛାତ୍ରଛାତ୍ରୀମାନେ ଯେତେବେଳେ ୯ମ ଏବଂ ୧୦ମ ଶ୍ରେଣୀରେ ପହଞ୍ଚିବେ, ସେମାନେ ତିନୋଟି ଭାଷା ପଢ଼ିବେ। ଯଦି ସେମାନେ ପୂର୍ବରୁ ଦୁଇଟି ବିଦେଶୀ ଭାଷା ବାଛିଛନ୍ତି, ତେବେ ସେମାନଙ୍କୁ କେବଳ ଆଉ ଗୋଟିଏ ଭାରତୀୟ ଭାଷା ଯୋଡିବାକୁ ପଡିବ। ଏହି ଛାତ୍ରମାନଙ୍କୁ ତୃତୀୟ ଭାଷା ପାଇଁ ବୋର୍ଡ ପରୀକ୍ଷା ଦେବାକୁ ପଡିବ ନାହିଁ। ଏହା କେବଳ ସ୍କୁଲ ଦ୍ୱାରା ମୂଲ୍ୟାୟନ କରାଯିବ। ଷଷ୍ଠ ଶ୍ରେଣୀର ୨୦୨୬-୨୭ବର୍ଷ ଏବଂ ପରବର୍ତ୍ତୀ ବ୍ୟାଚଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ ନୀତି ସମ୍ପୂର୍ଣ୍ଣ ପ୍ରଯୁଜ୍ୟ ହେବ। ତିନୋଟି ମଧ୍ୟରୁ ଦୁଇଟି ଭାରତୀୟ ଭାଷା ବାଧ୍ୟତାମୂଳକ ହେବ। ଏହି ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀରେ ପହଞ୍ଚିବା ପରେ, ସେମାନେ ତୃତୀୟ ଭାଷାରେ ବୋର୍ଡ ପରୀକ୍ଷା ମଧ୍ୟ ଦେବେ। ଏନସିଇଆରଟି ୨୨ଟି ଅନୁସୂଚିତ ଭାରତୀୟ ଭାଷାରେ ନୂତନ ପୁସ୍ତକ ଯୋଗାଇ ଦେଉଛି।

ସିବିଏସଇ ଏହି ନିୟମରୁ କିଛି ବର୍ଗର ଛାତ୍ରଛାତ୍ରୀଙ୍କୁ ମୁକ୍ତ କରିଛି। ଆଇନ ଅନୁଯାୟୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଛାଡ଼ ପାଇବେ। ଭାରତ ବାହାରେ ଥିବା ସିବିଏସଇ ସ୍କୁଲରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତୀୟ ଭାଷା ଅଧ୍ୟୟନ ବାଧ୍ୟତାମୂଳକ ହେବ ନାହିଁ। ବିଦେଶରୁ ଭାରତକୁ ଫେରିଥିବା ବିଦେଶୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ତୃତୀୟ ଭାରତୀୟ ଭାଷାରୁ ମୁକ୍ତ କରାଯିବ। ଯଦି ଜଣେ ଛାତ୍ରଛାତ୍ରୀଙ୍କର ପିତାମାତା ଅନ୍ୟ ରାଜ୍ୟକୁ ସ୍ଥାନାନ୍ତରିତ ହୁଅନ୍ତି, ତେବେ ସେ ତାଙ୍କର ପୂର୍ବରୁ ବାଛିଥିବା ତୃତୀୟ ଭାଷା ଜାରି ରଖିପାରିବେ। ଏପରି ପରିସ୍ଥିତିରେ, ସ୍କୁଲକୁ ଅଧ୍ୟୟନର ବ୍ୟବସ୍ଥା କରିବାକୁ ପଡିବ।ଆବଶ୍ୟକ ହେଲେ ସ୍କୁଲଗୁଡ଼ିକ ପୂର୍ବରୁ ଥିବା ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ସ୍ନାତକୋତ୍ତର ଶିକ୍ଷକ ଏବଂ ଅନଲାଇନ୍ କିମ୍ବା ହାଇବ୍ରିଡ୍ ମାଧ୍ୟମ ବ୍ୟବହାର କରିପାରିବେ ବୋଲି ବୋର୍ଡ କହିଛି।

ବୋର୍ଡ କହିଛି, ଏହି ପରିବର୍ତ୍ତନ ଜାତୀୟ ଶିକ୍ଷା ନୀତି (ଏନଇପି)୨୦୨୦ ଅନୁଯାୟୀ କରାଯାଉଛି। ଏହାର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ଉପରେ ପରୀକ୍ଷା ବୋଝ ବୃଦ୍ଧି କରିବା ନୁହେଁ, ବରଂ ଭାରତୀୟ ଭାଷାଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଭାଷା ଶିକ୍ଷାକୁ ସହଜ, ଆକର୍ଷଣୀୟ ତଥା ଉପଯୋଗୀ କରିବା। ବୋର୍ଡ ଏହା ମଧ୍ୟ ପ୍ରତିଶ୍ରୁତି ଦେଇଛି ଯେ, ଏହି ପରିବର୍ତ୍ତନ ଦ୍ୱାରା କୌଣସି ଛାତ୍ରଛାତ୍ରୀ ଅସୁବିଧାରେ ପଡ଼ିବେ ନାହିଁ।

## ଜୁଲାଇ ୪ରେ...

ସାଧାରଣ ସଭାରେ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧିତ କରିବେ ବୋଲି ସାଂସଦ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି।

## ଆମେରିକା-ଇରାନ ...

ଅବଗତ ଥିବା ଉଭୟ ଆମେରିକୀୟ ଅଧିକାରୀ ଏବଂ ତୃତୀୟ ଉତ୍ସ ମଙ୍ଗଳବାର ଦିନ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ନିଶ୍ଚିତ କରିଛନ୍ତି।

ଏହି ବୈଠକ ପ୍ରଥମେ ସ୍ୱିଜରଲ୍ୟାଣ୍ଡରେ ଇରାନର ଆଣବିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବାକୁ ସ୍ଥିର ହୋଇଥିଲା, କିନ୍ତୁ ନିକଟରେ ସାମରିକ ସଂଘର୍ଷ ପରେ କତାରର ରାଜଧାନୀ ଦୋହାକୁ ସ୍ଥାନାନ୍ତର କରାଯାଇଛି। ବୈଠକର ଏଜେଣ୍ଡାକୁ ବର୍ତ୍ତମାନ କେବଳ ହରମୁଜ୍ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଧ୍ୟାନ ଦେବା ପାଇଁ ସଂକୁଚିତ କରାଯାଇଛି। ପ୍ରସ୍ତାବିତ ଆଲୋଚନା ଉପରେ ହ୍ୱାଇଟ ହାଉସ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦେଇନାହିଁ।

ଏହା ଉଲ୍ଲେଖନୀୟ ଯେ ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତିକୁ କାର୍ଯ୍ୟକାରୀ କରିବାରେ ହରମୁଜ ଷ୍ଟ୍ରେଟ୍ ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ହରମୁଜ ଦେଇ ବାଣିଜ୍ୟିକ ଜାହାଜଗୁଡ଼ିକର ନିରାପଦ ଗମନାଗମନକୁ ସୁଗମ କରିବା ପାଇଁ ଇରାନ ଯଥାସମ୍ଭବ ଉଦ୍ୟମ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହାର ପ୍ରତିବଦଳରେ ଆମେରିକା ଇରାନର ବନ୍ଦରଗୁଡ଼ିକ ଉପରେ ଲାଗିଥିବା ଅବରୋଧ ଉଠାଇ ନେଇଥିଲା। ଗତ ସପ୍ତାହରେ ସ୍ୱିଜରଲ୍ୟାଣ୍ଡରେ ଆଲୋଚନା ସମୟରେ ଏକ ହଟଲାଇନ ସ୍ଥାପନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନିଙ୍କ ପ୍ରକାଶନ କାର୍ଯ୍ୟାଳୟର ସଦସ୍ୟ ମେହଦି ଫାଜେଲି କହିଛନ୍ତି ଯେ ଦେଶ ଉପରେ ଆକ୍ରମଣ ଏବଂ ଆମେରିକା ସହିତ ଚୁକ୍ତିର ସର୍ତ୍ତାବଳୀ ପୂରଣ ନକରିବା କାରଣରୁ ଇରାନ ବୈଷୟିକ ଆଲୋଚନାରେ ଯୋଗ ଦେଇନଥିଲା।

## ପେଟ୍ରୋଲ୍, ଡିଜେଲ୍ ...

ପରିବହନ ଅପରେଟର, ବ୍ୟବସାୟ ପ୍ରତିଷ୍ଠାନ ଓ ବାଣିଜ୍ୟିକ ବ୍ୟବହାରକାରୀମାନେ ଉପକୃତ ହେବା ଆଶା କରାଯାଉଛି। ବାଣିଜ୍ୟିକ ଏଲପିଜି ଯୋଗାଣ ଉପରେ ଲାଗିଥିବା କଟକଣାକୁ ଗତ ସପ୍ତାହରେ ସରକାର ପ୍ରତ୍ୟାହାର କରିଥିଲେ। ବାଣିଜ୍ୟିକ ଏଲପିଜି ଉପରେ ଗତ ମାର୍ଚ୍ଚରେ କଟକଣା ଲଗାଯାଇଥିଲା।

ଏହାଦ୍ୱାରା ଶିଳ୍ପ ପ୍ରତିଷ୍ଠାନ, ଭୋଜନାଳୟ, ହୋଟେଲ୍, ରେସ୍ତୋରାଁଗୁଡ଼ିକ ପ୍ରଭାବିତ ହୋଇଥିଲେ। ସେମାନେ ଡିଜେଲ ଓ କୋଇଲା ଭଳି ପ୍ରଦୂଷଣକାରୀ ଇନ୍ଧନ ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ। ତେବେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ପାଇପ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ବ୍ୟବହାର ବଢ଼ାଇବାକୁ ସରକାର ଚାହିଁଛନ୍ତି। ସେଥିପାଇଁ ଯେଉଁମାନଙ୍କ ପାଖରେ ପିଏନ୍‌ଜି ସଂଯୋଗ ପହଞ୍ଚିଛି, ସେମାନେ ପୁଣି ଥରେ ଏଲପିଜି ସଂଯୋଗ ନେଇପାରିବେ ନାହିଁ। ଯେଉଁ ଗ୍ରାହକମାନଙ୍କ ପାଖରେ ଉଭୟ ପିଏନ୍‌ଜି ଓ ଏଲପିଜି ସଂଯୋଗ ରହିଛି, ସେମାନଙ୍କୁ ଏଲପିଜି ସଂଯୋଗ ଫେରାଇବାକୁ ସରକାର କହିଛନ୍ତି।

## ଅନ୍‌ଲାଇନରେ ଟଙ୍କା...

ଗ୍ରାହକଙ୍କୁ ଚିନ୍ତା କରିବାର ସୁଯୋଗ ଦେବ ଏବଂ ସେମାନେ ସଠିକ୍ ସ୍ଥାନକୁ ଟଙ୍କା ପଠାଉଛନ୍ତି କି ନାହିଁ ସାବଧାନ ହେବେ । ତେବେ ସମସ୍ତ ପ୍ରକାର କାରବାର ଉପରେ ଏହାକୁ ଅନ୍ଧ ଭାବରେ କାର୍ଯ୍ୟକାରୀ କରାଯିବା ଉଚିତ ନୁହେଁ ବୋଲି ବ୍ୟାଙ୍କିଂ ଏଜେଣ୍ଟମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି।

ବୃଦ୍ଧ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଣ୍ଠିକୁ ସୁରକ୍ଷିତ ରଖିବା ପାଇଁ ଆରବିଆଇ ଆଉ ଏକ ବିଶେଷ ପଦକ୍ଷେପ ପ୍ରସ୍ତାବ ଦେଇଛି । ଏହି ପରାମର୍ଶ ଦିଆଯାଇଛି ଯେ ଜଣେ 'ବିଶ୍ୱସ୍ତ ବ୍ୟକ୍ତି' ୭୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ନାଗରିକ କିମ୍ବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୫୦,୦୦୦ ରୁ ଅଧିକ ଡିଜିଟାଲ୍ କାରବାରକୁ ଅନୁମୋଦନ କରିବେ। ଏହି ନିୟମ ଅନୁଯାୟୀ, ବୃଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ପୂର୍ବରୁ ମନୋନୀତ ଜଣେ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ଦେୟ ଚୂଡ଼ାନ୍ତ ହେବା ପୂର୍ବରୁ ଅତିରିକ୍ତ ଅନୁମୋଦନ ପ୍ରଦାନ କରିବାକୁ ପଡିବ। ଯଦି ଏହି ବିଶ୍ୱସ୍ତ ବ୍ୟକ୍ତିଙ୍କୁ ପରିବର୍ତ୍ତନ କରାଯାଏ, ତେବେ ସମ୍ଭାବ୍ୟ ଠକେଇକୁ ରୋକିବା ପାଇଁ ଏକ ବାଧ୍ୟତାମୂଳକ ୨୪ ଘଣ୍ଟା କୁଲିଂ-ଅଫ୍ ଅବଧି ଲାଗୁ ହେବ।

# ସୁଦର୍ଶନ ପଟ୍ଟନାୟକଙ୍କ ଘରେ ମୁଖ୍ୟମନ୍ତ୍ରୀ : ରୁଷ୍‌ରେ ସଫଳତା ପାଇଁ ଜଣାଇଲେ ଶୁଭେଚ୍ଛା

**ପୁରୀ, ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଘରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରୁଷ୍‌ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା ଶିଳ୍ପ ମହୋତ୍ସବରେ ରୁଷୀୟ ଗ୍ରାଣ୍ଡ୍ ସ୍ୟାଣ୍ଡ୍ ମାଷ୍ଟର କପ୍ ୨୦୨୬ ଜିତି ଓଡ଼ିଶା ପାଇଁ ସୁନାମ ଆଣିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିଶ୍ୱବ୍ୟାପୀ ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ସୁଦର୍ଶନଙ୍କ ଭୂମିକା ଉଲ୍ଲେଖନୀୟ। ତାଙ୍କ ଅବଦାନକୁ ପ୍ରଶଂସା କରିବା ସହ ପୁରୀର



କଳା ଓ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ ମୁଖ୍ୟମନ୍ତ୍ରୀ । ଏହି ଅବସରରେ କୁନି କୁନି ପିଲାଙ୍କ ସହ କିଛି ସମୟ ବିତାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ଜିନ୍ଦଲ ଷ୍ଟିଲ ଦେବଭୂମି ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା

**ଅନୁଗୋଳ, ନ୍ୟୁଜ ବ୍ୟୁରୋ**

ଅନୁଗୋଳ ଜିନ୍ଦଲ ନଗର ସ୍ଥିତ ଦେବଭୂମି ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂରତୀଙ୍କ ପବିତ୍ର ଦେବସ୍ନାନ ନୀତି, ଭକ୍ତିଭାବ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବ୍ୟ ଅବସରରେ ଓ.ପି. ଜିନ୍ଦଲ ଗୋଷ୍ଠୀର ଚେୟାରପର୍ସନ୍ ଏମେରିଟସ୍ ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ଏବଂ ମନ୍ଦିରର ଆଦ୍ୟ ସେବିକା ତଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଉପସ୍ଥିତ ରହି ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ସେବାର୍ଚ୍ଚନା କରିଥିଲେ। ଜିନ୍ଦଲ ନଗର ଏବଂ ଆଖପାଖ ଗ୍ରାମରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳନରେ ସାମିଲ ହୋଇଥିଲେ। 'ଜୟ ଜଗନ୍ନାଥ' ସ୍ୱର ଏବଂ ଘଣ୍ଟିର ତାଳର ଭକ୍ତିମୟ ପରିବେଶ ଭିତରେ, ମନ୍ଦିରର ପ୍ରମୁଖ ସେବକମାନେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରର ପୂଜ୍ୟ ପରମ୍ପରା ଏବଂ ପ୍ରଥାକୁ ଅନୁସରଣ କରି ପବିତ୍ର ରୀତିନୀତିଗୁଡ଼ିକୁ ପବିତ୍ରତାର ସହିତ ସମ୍ପାଦିତ କରିଥିଲେ। ପ୍ରାତଃ ୫ଟାର ଶୁଭ ମୁହୂର୍ତ୍ତରେ ଦ୍ୱାର ଫିଟା, ମଙ୍ଗଳ ଆଳତି, ଶ୍ରୀକର୍ପୂର ଲାଗି, ମଙ୍ଗଳାର୍ପଣ ନୀତି, ପୁଷ୍ପାଞ୍ଜଳି ଏବଂ ସର୍ବାଙ୍ଗ ନୀତି ସହିତ ଦିନର ଧାର୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମନ୍ଦିରର ସେବାୟତମାନଙ୍କ ତତ୍ତ୍ୱାବଧାନରେ ପବିତ୍ର ସ୍ନାନ ନୀତି ଅତ୍ୟନ୍ତ ଭକ୍ତିଭାବର ସହ ସମ୍ପନ୍ନ ହୋଇଥିଲା। ଦିନର ସବୁଠାରୁ ପ୍ରତୀକ୍ଷିତ ନୀତି 'ଚତୁର୍ଦ୍ଧାମୂର୍ତ୍ତିଙ୍କ ଧାଡ଼ି ପହଣ୍ଡି' ମାଧ୍ୟମରେ ସ୍ନାନମଣ୍ଡପକୁ ବିଜେ ହୋଇଥିଲେ। ପବିତ୍ର ଜଳରେ ମହାପ୍ରଭୁମାନଙ୍କର ମହାସ୍ନାନ ସମ୍ପନ୍ନ ହୋଇଥିଲା, ଯାହା ପବିତ୍ରତା, ଆଶୀର୍ବାଦ ଏବଂ ସମଗ୍ର ବିଶ୍ୱର ମଙ୍ଗଳର ପ୍ରତୀକ। ସ୍ନାନପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ



ଏହି ସବୁ ନୀତିକାନ୍ତି ମନ୍ଦିର ପରିସରକୁ ଶ୍ରଦ୍ଧା ଓ ଭକ୍ତି ଭାବରେ ଭରି ଦେଇଥିଲା । ମହାସ୍ନାନ ପରେ ମହାପ୍ରଭୁମାନଙ୍କୁ ଭବ୍ୟ "ହାତୀ ବେଶ" (ଗଜାନନ ବେଶ) ରେ ସଜ୍ଜିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ର ଗଣେଶ ସ୍ୱରୂପ ହାତୀ ବେଶ ଧାରଣ କରିଥିବାବେଳେ ଦେବୀ ସୁଭଦ୍ରା ଆକର୍ଷଣୀୟ 'ପଦ୍ମ' ବେଶରେ ସୁସଜ୍ଜିତ ହୋଇଥିଲେ। ଏହି ବିରଳ ଦର୍ଶନ ଭକ୍ତମାନଙ୍କୁ ବେଶ ବିଭୋର କରିଥିଲା। ସନ୍ଧ୍ୟାରେ ଅଣସର ପହଣ୍ଡି ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ମହାପ୍ରଭୁମାନେ ଅଣସର ଘରକୁ ବିଜେ କରିଥିଲେ, ଏଠାରେ ଆଗାମୀ ଚଉଦ ଦିନ ପର୍ଯ୍ୟନ୍ତ ଗୁପ୍ତ ବାସରେ ରହିବେ। ଏହାପରେ ପବିତ୍ର ନେତ୍ରୋତ୍ସବ (ନେତ୍ର ଉତ୍ସବ) ଅବସରରେ ଭକ୍ତମାନେ ପୁନର୍ବାର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦିବ୍ୟ ଦର୍ଶନ ଲାଭ କରିବେ। ଏହି ଦର୍ଶନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆରମ୍ଭ ହେବ।

### ଜାତୀୟ ବୀମା ସଚେତନତା ଦିବସ ଅବସରରେ

# ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସର ଏମ୍‌ଡି ଓ ସିଇଓଙ୍କ ବାର୍ତ୍ତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ବିକାଶ କାହାଣୀ ଏହାର ଜନସାଧାରଣଙ୍କ ଆକାଂକ୍ଷା ଏବଂ ସହନଶୀଳତା ଦ୍ୱାରା ପରିଚାଳିତ ହେଉଛି । ବ୍ୟକ୍ତିବିଶେଷ, ପରିବାର ଏବଂ ବ୍ୟବସାୟଗୁଡ଼ିକ ଏକ ଉନ୍ନତ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରୁଥିବାରୁ ଅନିଶ୍ଚିତତା ପାଇଁ ପ୍ରସ୍ତୁତ ରହିବାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କେବଳ ଆର୍ଥିକ ସୁରକ୍ଷା ପ୍ରଦାନ କରି ନୁହେଁ, ବରଂ ଲୋକମାନଙ୍କୁ ଅଧିକ ମାନସିକ ଶାନ୍ତି ସହିତ ସେମାନଙ୍କର ମହତ୍ୱାକାଂକ୍ଷାକୁ ପୂରଣ କରିବା ପାଇଁ ଆତ୍ମବିଶ୍ୱାସ ଦେଇ ବୀମା ଏହି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ଏମଡି ଓ ସିଇଓ ଶ୍ରୀ ନବୀନ ଚନ୍ଦ୍ର ଝା କହିଛନ୍ତି। ସେ କହିଲେ, 'ଆମେ ଯେତେବେଳେ ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା'ର ଦୂରଦୃଷ୍ଟି ଆଡ଼କୁ ଅଗ୍ରସର ହେଉଛୁ, ଅଧିକ ସଚେତନତା ସୃଷ୍ଟି କରିବା ଓ ବୀମାକୁ ଅଧିକ ସୁଲଭ ତଥା ପ୍ରାସଙ୍ଗିକ କରିବା ଏକ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ଭାରତ ଗଠନର ଚାବିକାଠି ହେବ। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସରେ ଆମେ ବିଶ୍ୱାସ କରୁ ଯେ ସୁରକ୍ଷା କେବଳ ବିପଦର ମୁକାବିଲା କରିବା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଏହା ଲୋକମାନଙ୍କୁ ଅଧିକ ଭଲ ଭାବରେ ପ୍ରସ୍ତୁତ ରହିବାକୁ, ସୂଚନାଭିତ୍ତିକ ନିଷ୍ପତ୍ତି ନେବାକୁ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ, ସମ୍ପତ୍ତି ଓ ଆକାଂକ୍ଷାକୁ ସୁରକ୍ଷିତ ରଖିବାକୁ ପ୍ରୋତ୍ସାହିତ କରିବା ଉଚିତ।' ଜାତୀୟ ବୀମା ସଚେତନତା ଦିବସରେ ଆମେ ବ୍ୟକ୍ତିବିଶେଷ ଓ ପରିବାରଗୁଡ଼ିକୁ ବୀମାକୁ ସେମାନଙ୍କର ଆର୍ଥିକ ଯୋଜନାର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ପ୍ରୋତ୍ସାହିତ କରୁଛୁ। ଅଧିକ ସଚେତନତା, ସୂଚନଭିତ୍ତିକ ନିଷ୍ପତ୍ତି ଗ୍ରହଣ ଏବଂ ସମୟୋଚିତ ସୁରକ୍ଷା



ଆର୍ଥିକ ଦୃଢ଼ତା ଗଠନ କରିବାରେ ଏବଂ ଅଧିକ ଭାରତୀୟଙ୍କୁ ଦେଶର ବିକାଶ ଯାତ୍ରାରେ ଆତ୍ମବିଶ୍ୱାସର ସହ ଅଂଶଗ୍ରହଣ କରିବାକୁ ସକ୍ଷମ କରିବାରେ ଚାବିକାଠି ହେବ ବୋଲି ଶ୍ରୀ ଝା କହିଛନ୍ତି।

# ମା' ମଝିଘରିଆଣୀଙ୍କ ୯ ହୁଣ୍ଡିରୁ ମିଳିଲା ୧ କୋଟି ୨୨ ଲକ୍ଷ ଟଙ୍କା : ୯ ବିଦେଶୀ ନୋଟ୍ ସହ ୩୦ ଗ୍ରାମ୍ ସୁନା

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇଛି। ମନ୍ଦିରରେ ଥିବା ୯ ଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ହୁଣ୍ଡିରୁ ନଗଦ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା ସହିତ ୩୦ ଗ୍ରାମ ସୁନା ଓ ୧୩୦୦ ଗ୍ରାମ ରୂପା ବାହାରିଥିବା ଜଣାପଡ଼ିଛି। ଏଥିସହିତ ବିଭିନ୍ନ ପ୍ରକାର ୮ ଟି ଦେଶର ୯ ଟି ବିଦେଶୀ ନୋଟ ମଧ୍ୟ ବାହାରିଛି। ଯେଉଁଥିରେ ରହିଛି ଆମେରିକା, କାନାଡା, ଅଷ୍ଟ୍ରେଲିଆ ଓ ୟୁଏଇ ଦେଶର ନୋଟ୍ ଓ ମୁଦ୍ରା। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ



ଦାନ କରିଥିବା ଅନୁମାନ କରାଯାଉଛି। ସୋମବାର ସକାଳେ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୧୦ ଘଣ୍ଟା ଧରି ଗଣତି ହୋଇଥିଲା। ଏହା ପୂର୍ବରୁ ଜାନୁଆରୀ ୧୯ ତାରିଖରେ ହୁଣ୍ଡିରୁ ନଗଦ ନଗଦ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫ ଟଙ୍କା ସହିତ ୩୦ ଗ୍ରାମ ସୁନା ଓ ୨୧୫୦ ଗ୍ରାମ ରୂପା ବାହାରିଥିଲା। ଏଥିସହିତ ବିଭିନ୍ନ ପ୍ରକାର ଦେଶର ବିଦେଶୀ ନୋଟ ମଧ୍ୟ ବାହାରିଥିଲା। ସୂଚନା ଥାଉକି, ବର୍ଷକୁ ୩ ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି । ହେଲେ ଚଳିତଥର ପ୍ରାୟ ୫ ମାସ ପରେ ଖୋଲାଗଲା। ସୋମବାର ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗଚ୍ଛିତ ରଖାଯାଇଛି । ସେହିଭଳି ସୁନା ଓ ରୁପା ଜିଲ୍ଲା କୋଷାଗାରରେ ରଖାଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲି ଗଣତି ବେଳେ ପୁଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା।

ଭୁବନେଶ୍ୱର, ୩୦ ଜୁନ୍, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ପୁରୀ : ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉଙ୍କୁ ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ କରିବା ପରେ ସ୍ନାନ ବେଦୀକୁ ସଫାସୁତରା କରୁଛନ୍ତି ସେବାୟତମାନେ । (ଫଟୋ : ସମ୍ବାଦ କଳିକା)

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସୁବାସିତ ଜଳରେ ସ୍ନାନ କଲେ ଚତୁର୍ଦ୍ଧାମୂର୍ତ୍ତି

**ବାରିପଦା, ୨୯/୦୬**
**ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀହରି ବଳଦେବ ଜୀଉଙ୍କ ପବିତ୍ର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ନୀତିକାନ୍ତି ସୂଚୀ ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଛି । ସକାଳ ସାଢେ ୫ଟାରୁ ସ୍ନାନ ମଣ୍ଡପକୁ ଗୋଟି ପହଣ୍ଡିରେ ତିନି ଦିଅଁ ବିଜେ କରିବା ପରେ ଗଙ୍ଗାଙ୍କ ଆବାହନ କରାଯାଇ ଅମୃତ ସ୍ନାନ, ପଇଡ ପାଣି ସ୍ନାନ ଏବଂ ତା'ପରେ ଶ୍ରୀଜୀଉଙ୍କୁ ୧୦୮ କୁମ୍ଭ ଜଳରେ ସ୍ନାନ କରାଯାଇଥିଲା । ଏହାପରେ ତିନି ଠାକୁରଙ୍କ ଚନ୍ଦନ ବେଶ ଏବଂ ଫୁଲ ବେଶ ହୋଇ ସାହାଣ ମେଳା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଶ୍ରୀଜୀଉମାନେ ଗଜ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହି ଅବସରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଜଗନ୍ନାଥ ମନ୍ଦିରରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି । ସ୍ନାନ ମଣ୍ଡପରେ ତିନି ଦିଅଁଙ୍କୁ ଦର୍ଶନ କରିବା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା । ଦିଅଁ ଦର୍ଶନ ପାଇଁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସକାଳ ସମୟରୁ ରାତି ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖ ଦେଇ ଯାନବାହାନ ଚଳାଚଳର ରୁଟ୍ ପରିବର୍ତ୍ତନ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ଅସ୍ଥାୟୀ ଫାଣ୍ଡି ସହ ପୋଲିସ ଅଫିସର ଓ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା । ଭକ୍ତ ଓ ଶ୍ରଦ୍ଧାଳୁମାନେ ଶାନ୍ତି ଶୃଙ୍ଖଳା ସହିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନର ସୌଭାଗ୍ୟ ପ୍ରାପ୍ତି କରିଛନ୍ତି । ବାରିପଦାର ବଡଦାଣ୍ଡରେ ଭଗବାନ ଓ ଭକ୍ତ ଏକାଠି ହୋଇଛନ୍ତି । ଦେବୋତ୍ତର ବିଭାଗ ଓ ମନ୍ଦିର ସେବାୟତ ପୂଜାର୍ଚ୍ଚନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପୂଜକ କାମେଶ୍ୱର ତ୍ରିପାଠୀ କହିଛନ୍ତି । ସେପଟେ ସ୍ଥାନୀୟ ସାନ ଜଗନ୍ନାଥ (ବାଣିଆ ଜଗନ୍ନାଥ) ମହାପ୍ରଭୁଙ୍କ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଯଥାରୀତିରେ ସମ୍ପନ୍ନ ହୋଇଛି । ପରମ୍ପରା ଅନୁସାରେ ସ୍ନାନ ପୂର୍ଣ୍ଣିମା ସମ୍ପନ୍ନ ପରେ ମଧ୍ୟରାତ୍ର ସମୟରେ ତିନି ଠାକୁର ଗୋଟି ପହଣ୍ଡିରେ ୧୫ ଦିନ ପାଇଁ ଅଣସର ପିଣ୍ଡିକୁ ବିଜେ କରିଥିଲେ ।



## ସ୍ନାନ ବେଦୀରେ ଅଭାବନୀୟ ଦୃଶ୍ୟ !

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମହାରାଜାଙ୍କ ଆଳତି ବେଳେ ଲିଭିଗଲା ଦୀପ

**ପୁରୀ ୨୯।୬ ନ୍ୟୁଜ ବ୍ୟୁରୋ**

ସୋମବାର ଶ୍ରୀକ୍ଷେତ୍ରରେ ମହାବାହୁଙ୍କ ସ୍ନାନଯାତ୍ରା ବେଳେ ସ୍ନାନ ବେଦୀରେ ଦେଖିବାକୁ ମିଳିଲା ଅଭାବନୀୟ ଦୃଶ୍ୟ। ଆସୁଛି କି ମହାବିପତ୍ତି ! ଏ କି ସଙ୍କେତ ଦେଲେ ମହାପ୍ରଭୁ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଆଳତି ବେଳେ ଘଟିଲା ଅଘଟଣ। ଗଜପତି ମହାରାଜା ଛେରା ପହଁରା କରି ଜଗନ୍ନାଥଙ୍କୁ ଆଳତି ବେଳେ ଲିଭିଗଲା ଦୀପ। ଆଉ ଏଭଳି ଆଳତି ଲିଭିବା ଘଟଣା ଭକ୍ତ ଶ୍ରଦ୍ଧାଳୁଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ଯାହାକୁ ନେଇ କିଛି ମହାବିପଦ ଆସିପାରେ ବୋଲି ମନରେ ଭୟ ସୃଷ୍ଟି ହେଉଛି । ଏମିତି କିଛି ସଙ୍କେତ ଦେଉଛନ୍ତି କି ମହାପ୍ରଭୁ। ପୂର୍ବରୁ ଅନେକ କିଛି ଏଭଳି ଘଟଣା ଘଟିବାର ନଜିର ରହିଛି । କେତେବେଳେ ନୀଳଚକ୍ରରେ ଚିଲ ବସିଲାଣି ତ ଆଉ କେତେବେଳେ ପତିତପାବନ ବାନାକୁ ଚିଲ ଉଡ଼ାଇ ନେଲାଣି । ଏମିତି କି ପତିତପାବନ ବାନା ଓଲଟା ଉଡ଼ିବା ଭଳି ଘଟଣାମାନ ଘଟିଛି । ଗୋଟିଏ ପଟେ ମହାପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହେଉଥିବା ବେଳେ ଅନ୍ୟପଟେ ଏଭଳି ଦୃଶ୍ୟ ଭକ୍ତଙ୍କ ମନକୁ ଆନ୍ଦୋଳିତ କରୁଛି । ଗଜାନନ ବେଶରେ ସଜେଇ ହୋଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଗଜପତି



ମହାରାଜା ଦିବ୍ୟସିଂହ ଦେବଙ୍କ ଛେରା ପହଁରା ନୀତି ସମାପନ ପରେ ବିଭିନ୍ନ ଅଳଙ୍କାର ପରିଧାନ କରିଛନ୍ତି ଶ୍ରୀଜୀଉ । ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ସୁଦର୍ଶନ, ବଡ଼ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାବହୁ ଶ୍ରୀଜଗନ୍ନାଥ । ସ୍ନାନ ପୂର୍ଣ୍ଣିମା ଅବସରରେ ପହଣ୍ଡି ଶେଷ କରି ସ୍ନାନବେଦୀରେ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି । ଏହାପରେ ହୋଇଥିଲା ମଙ୍ଗଳ ଆଳତୀ । ପରେ ଜଳ ବିଜେ, ପୂଜା ଓ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ପରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ନୀତି । ଏହି ଦିବ୍ୟ ମୁହୂର୍ତ୍ତକୁ ଦର୍ଶନ କରିଥିଲେ ଲକ୍ଷ ଲକ୍ଷ ଭକ୍ତ । ୧୦୮ କଳସୀ ସୁବାସିତ ଜଳରେ ସ୍ନାନ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି । ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ସ୍ନାନବେଦୀରେ ପହଞ୍ଚିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହିତ ଛେରାପହଁରା ନୀତି ସମ୍ପାପନ କରିଥିଲେ । ଛେରାପହଁରା ନୀତି ସମ୍ପନ୍ନ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର 'ଗଜାନନ ବେଶ' ଆରମ୍ଭ ହୋଇଥିଲା । ଗଜାନନ ବେଶରେ ସଜେଇ ହୋଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ବିଭିନ୍ନ ଅଳଙ୍କାର ପରିଧାନ କରିଥିଲେ ଶ୍ରୀଜୀଉ ।

# ନେମାଳରେ ଦେବସ୍ନାନ ପୂର୍ଣ୍ଣିମା : ଲକ୍ଷାଧିକ ଭକ୍ତଙ୍କ ସମାଗମ

**ସାଲେପୁର, ୨୯/୦୬ (ନ୍ୟୁଜ)**

କଟକ ଜିଲ୍ଲା ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଣ୍ୟ ତିଥି ଅବସରରେ ମହା ମହୋତ୍ସବ ଓ ଦେବସ୍ନାନ ପୂର୍ଣ୍ଣିମା ବାଲିଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେଉଅଛି । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ଗାଦିରେ ଭକ୍ତମାନେ ଧାଡିରେ ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଏହି ମହୋତ୍ସବ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ଟ୍ରାଫିକ ନିୟନ୍ତ୍ରଣ ଓ ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ନିଶ୍ଚିନ୍ତକୋଇଲି ତହସିଲଦାର, ସାଲେପୁର ଏସଡିପିଓ, ନେମାଳ ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଭକ୍ତମାନେ କିପରି ସୁଚାରୁ ରୂପେ ଦର୍ଶନ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଥିଲା। ଅପରାଧ ରୋକିବା ପାଇଁ ସିସିଟିଭି କ୍ୟାମେରା ଲଗାଯାଇ ଆଠ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଚିତ୍ରୋତ୍ପଳା ନଦୀତଟରେ ବାଲିଯାତ୍ରାର ଆୟୋଜନ କରାଯାଇଛି । ଯାତ୍ରାରେ ପଡ଼ିଥିବା ଦୋକାନ ବଜାରରେ ବିଭିନ୍ନ ସାମଗ୍ରୀର ବିକ୍ରିବଟା ଲାଗିଛି। ଯାତ୍ରା ଅବସରରେ ବିଭିନ୍ନ ସଂଗଠନ, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ଓ୍ୱା. ଆର. ସି ସଂଗଠନ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି।





ପୁରୀ ଗସ୍ତ ଅବସରରେ ରାଜନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

## ରଥଖଳାରେ ଅସମ୍ଭାଳ ଭିଡ଼ ବ୍ୟାରିକେଡ୍ ଭାଙ୍ଗି ରଥଖଳାରେ ଧସେଇ ପଶିଲେ ଭକ୍ତ

**ପୁରୀ, ନ୍ୟୁଜ ବ୍ୟୁରୋ**

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସୋମବାର ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଦୁର୍ଲଭ ସ୍ନାନ ଯାତ୍ରା ଦର୍ଶନ ପାଇଁ ଆସିଥିବା ଲକ୍ଷାଧିକ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ରଥଖଳାରେ ଉତ୍ତେଜନା ଦେଖାଦେଇଥିଲା। ସ୍ନାନମଣ୍ଡପ ନିକଟ ରଥଖଳାକୁ ଯିବା ପାଇଁ କରାଯାଇଥିବା ବ୍ୟାରିକେଡ୍ ଆଗରେ ଦୀର୍ଘ ସମୟ ଧରି ଅପେକ୍ଷା କରି ବ୍ୟାକୁଳ ହୋଇପଡ଼ିଥିବା ଭକ୍ତମାନେ ହଠାତ୍ ବ୍ୟାରିକେଡ୍ ଭାଙ୍ଗି ରଥଖଳା ଭିତରକୁ ଧସେଇ ପଶିଥିଲେ। ଭକ୍ତଙ୍କ ପ୍ରବଳ ସୁଅ ଦେଖି ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ପୁଲିସ ଓ ଭକ୍ତଙ୍କ ମଧ୍ୟରେ ଜୋରଦାର ଧସ୍ତାଧସ୍ତି ହୋଇଥିଲା। ଠେଲାପେଲାରେ ଅନେକ ଭକ୍ତ ତଳେ ପଡ଼ିଯାଇଥିଲେ। ବ୍ୟାରିକେଡ୍ ଉପରେ ପଡ଼ି କିଛି ଭକ୍ତ ଆହତ ହୋଇଥିବା ବେଳେ ପ୍ରବଳ ଗରମ ଓ ଗହଳି ଯୋଗୁଁ ଅନେକ ବୃଦ୍ଧ, ମହିଳା ଓ ଶିଶୁ ଅଣନିଶ୍ୱାସ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ପାଣି ଦିଆଯାଇଥିଲା ଏବଂ କିଛି ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଶ୍ରଦ୍ଧାଳୁମାନେ ପୁଲିସ ପ୍ରଶାସନର ବ୍ୟାପକ ଅବ୍ୟବସ୍ଥାକୁ ଏହି ଘଟଣା ପାଇଁ ଦାୟୀ କରିଛନ୍ତି।

# ଲୋକସେବା ଭବନକୁ ସାମ୍ବାଦିକ ପ୍ରବେଶ ମନା

**ଭୁବନେଶ୍ୱର, ୨୯/୦୬**
**ନ୍ୟୁଜ ବ୍ୟୁରୋ**

ସୋମବାର ଲୋକସେବା ଭବନକୁ ସାମ୍ବାଦିକଙ୍କ ପ୍ରବେଶ ଉପରେ ପୁଣି କଟକଣା ଜାରୀ କରାଯାଇଛି । ଏଥିଯୋଗୁଁ ଅନେକ ସାମ୍ବାଦିକ ଲୋକସେବା ଭବନକୁ ଯାଇନପାରି ଫେରିଛନ୍ତି । ଲୋକସେବା ଭବନ ପ୍ରବେଶ ଦ୍ୱାରରେ ଥିବା ସୁରକ୍ଷା କର୍ମଚାରୀ ସାମ୍ବାଦିକମାନଙ୍କୁ ଭିତରକୁ ଛାଡି ନଥିଲେ। ଉପରୁ ନିର୍ଦ୍ଦେଶ ରହିଥିବାରୁ ଆଉ ଛଡାଯିବ ନାହିଁ ବୋଲି ସେମାନେ କହିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ମଧ୍ୟ ଏହାର ପ୍ରତିବାଦ କରାଯାଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ସାମ୍ବାଦିକମାନଙ୍କୁ ଦିଆଯାଇଥିବା ଅଧିସ୍ୱୀକୃତି ପତ୍ର ବା ଆକ୍ରିଡେସନ କାର୍ଡ ଲୋକସେବା ଭବନ ପ୍ରବେଶ ପାଇଁ ଗ୍ରହଣୀୟ ହେବ ନାହିଁ ବୋଲି ସୁରକ୍ଷା କର୍ମଚାରୀମାନେ ଜଣାଇଥିଲେ। ତେବେ ଲୋକସେବା ଭବନରେ ପ୍ରବେଶ ପାଇଁ ଗୃହବିଭାଗ ଦ୍ୱାରା ଦିଆଯାଇଥିବା ପରିଚୟପତ୍ରକୁ ପ୍ରବେଶ ପତ୍ରଭାବେ ବ୍ୟବହାର କରି କିଛି ସାମ୍ବାଦିକ ଯଦିଓ ଭିତରକୁ ପ୍ରବେଶ କରିଥିଲେ ତଥାପି ବହୁ ସଂଖ୍ୟାରେ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଖବର ସଂଗ୍ରହ ପାଇଁ ଭିତରକୁ ଯାଇପାରିନଥିଲେ ଯାହା ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରାହ୍ନରେ ଗୃହ ବିଭାଗ ଦାୟିତ୍ୱରେ ଥିବା ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମାଙ୍କୁ କିଛି ସାମ୍ବାଦିକ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତତ୍‌କ୍ଷଣାତ ଶ୍ରୀ ଶର୍ମା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଜାରିକରାଯାଇଥିବା ଆକ୍ରିଡେସନ କାର୍ଡ ଲୋକସେବା ଭବନ ପ୍ରବେଶ ପାଇଁ ଗ୍ରହଣୀୟ ହେବ ଏବଂ ଏଥିରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦେବା ପରେ ସମସ୍ୟାର ସମାଧାନ ଘଟିଥିଲା। ଶ୍ରୀ ଶର୍ମାଙ୍କ ନିର୍ଦ୍ଦେଶ ତତ୍କାଳ କାର୍ଯ୍ୟକାରୀ ହୋଇଥିଲା।





# ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥ ଧ୍ୱନୀରେ କମ୍ପିଲା ରାଜଧାନୀ

**ଭୁବନେଶ୍ୱର, ୨୯/୦୬**
**ନ୍ୟୁଜ ବ୍ୟୁରୋ**

ସୋମବାର ଦେବସ୍ନାନ ପୂର୍ଣ୍ଣିମା। ଗଜବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଏଥିପାଇଁ ସଜେଇ ହୋଇଥିଲା ଭୁବନେଶ୍ୱରରେ ଥିବା ସବୁ ଜଗନ୍ନାଥ ମନ୍ଦିର। ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଏ ନେଇ ପ୍ରସ୍ତୁତି ହୋଇଥିଲା। ରାଜଧାନୀର ଶ୍ରୀଜଗନ୍ନାଥମନ୍ଦିର ଭିତରେ ଓ ବାହାରେ ଭକ୍ତଙ୍କ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। କିଛି ସ୍ଥାନରେ ଛାୟାପ୍ରଦ ସେଡ୍ ବ୍ୟବସ୍ଥା କରାଯାଇଥିଲା। ସୋମବାର ଘଣ୍ଟଘଣ୍ଟା, ଶଙ୍ଖନାଦ ମଧ୍ୟରେ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗଗନ ପବନ। ଇସ୍କନ ମନ୍ଦିରରେ ମହାପ୍ରଭୁଙ୍କର ସକାଳ ସାଢ଼େ ୯ରେ ପହଣ୍ଡି ହୋଇ ପରେ ସାଢ଼େ ୧୦ରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୨ଟାରେ ଭୋଗ ଆଳତି ଓ



ଦିନ ଗୋଟାଏରେ ଭକ୍ତଙ୍କୁ ମାଗଣାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ପରେ ସନ୍ଧ୍ୟା ଆଳତି ସାଢ଼େ ୬ରେ ସମ୍ପନ୍ନ ହୋଇଥିଲା। ଶେଷରେ ରାତି ୯ ଟାରେ ପହଣ୍ଡି ହେଇ ମହାପ୍ରଭୁ ଅଣସର ଗୃହକୁ ବିଜେ କରିଥିଲେ। ସେହିପରି ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ସୁଦର୍ଶନ ଦାରୁପୀଠରେ ଦେବସ୍ନାନ ନୀତି ସଂପନ୍ନ ହୋଇଛି । ନବନିର୍ମିତ ଜଗନ୍ନାଥ ମନ୍ଦିରରେ ପ୍ରଥମ ଥର ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ୭ ଶହ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ୨ଟା ପରେ ଗଜାନନ ବେଶରେମହାପ୍ରଭୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ପରେ ରାତି ୧୦ ଟାରେ ଠାକୁରେ ଅଣସରକୁ ବିଜେ କରିଥିଲେ। କିସ୍ ଶ୍ରୀବାଣୀ କ୍ଷେତ୍ର, ପଟିଆ ଜଗନ୍ନାଥ ମନ୍ଦିର, ଶୈଳଶ୍ରୀବିହାର ଶ୍ରୀଜଗନ୍ନାଥ ମନ୍ଦିର, ମଞ୍ଚେଶ୍ୱର ରେଲୱେ କଲୋନି ଶ୍ରୀଜଗନ୍ନାଥ ମନ୍ଦିର, ଆରସିଏମ୍ ଶ୍ରୀଜଗନ୍ନାଥ ମନ୍ଦିର ଓ ଭିଏସ୍‌ଏସ୍‌ନଗର ଶ୍ରୀଜଗନ୍ନାଥ ମନ୍ଦିରରେ ବିଧିବିଧାନରେ ଏହି ପବିତ୍ର ସ୍ନାନନୀତି ସଂପନ୍ନ ହୋଇଥିଲା।।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯/୦୬/୨୦୨୬
୪,୧୩,୨୬୦/- ଟଙ୍କା
ସୁନା:- ୦୦ଗ୍ରାମ୍ ୫୦୦ ମିଲିଗ୍ରାମ
ରୂପା:- ୪୫ଗ୍ରାମ୍ ୭୫୦ ମିଲିଗ୍ରାମ






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ତ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


## ବ୍ୟାଙ୍କଗୁଡ଼ିକର କାର୍ଯ୍ୟଶୈଳୀକୁ ନେଇ ସୁପ୍ରିମକୋର୍ଟଙ୍କ କଡା ଟିପ୍ପଣୀ

# ବଡ଼ ଋଣକାରୀଙ୍କ ପାଇଁ କୋହଳ, ସାଧାରଣଙ୍କ ପାଇଁ କଠୋର ନିୟମ

**ନୂଆଦିଲ୍ଲୀ, ୨୯/୦୬**

ଦେଶରେ ବ୍ୟାଙ୍କମାନଙ୍କର ନୀତି ନିୟମକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ଦେଶର ବ୍ୟାଙ୍କଗୁଡ଼ିକ ବଡ଼ ଋଣକାରୀଙ୍କୁ ବିପୁଳ ପରିମାଣର ଋଣ ମଞ୍ଜୁର କରିବା ବେଳେ ଅନେକ ସମୟରେ ହାଲୁକା ଆଭିମୁଖ୍ୟ ଆପଣାଉଛନ୍ତି। କିନ୍ତୁ ସାଧାରଣ ଲୋକଟେ ଛୋଟ ବ୍ୟକ୍ତିଗତ ଋଣ ନେଲେ ତାଙ୍କ ଉପରେ ଅତ୍ୟନ୍ତ କଠୋର ଓ ଜଟିଳ ସର୍ତ୍ତ ଲାଗୁ କରାଯାଉଛି । କେତେକ କ୍ଷେତ୍ରରେ ସେମାନେ ନାନା ହଇରାଣ ହେଉଥିବା ଘଟଣା ସୁପ୍ରିମକୋର୍ଟଙ୍କ ଧ୍ୟାନ ଆକର୍ଷଣ କରିଛି । ତେବେ ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲା ଏବଂ ଜଷ୍ଟିସ୍ ଆର. ମହାଦେବନଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ଋଣ ପ୍ରଦାନ ସମ୍ବନ୍ଧୀୟ ନିୟମକୁ କୋହଳ କରିବା ସପକ୍ଷରେ ନୁହନ୍ତି । ତେବେ ଏଭଳି ନିୟମ ନେଇ ପ୍ରଶ୍ନ ଉଠାଇଛନ୍ତି କୋର୍ଟ। ଖଣ୍ଡପୀଠ କହିଛନ୍ତି ଯେ, ଋଣ ପାଇବାର ଯୋଗ୍ୟତା ନିର୍ଦ୍ଧାରଣ କରିବା କାମ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ବ୍ୟାଙ୍କମାନଙ୍କ ଉପରେ ଛାଡ଼ିଦେବା ଉଚିତ। କିନ୍ତୁ ଋଣ ମଞ୍ଜୁର, ଋଣ ଆଦାୟ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅଧିକ ସରଳ, ନ୍ୟାୟସଙ୍ଗତ ଓ ଋଣ ଆବେଦନକାରୀଙ୍କ ପାଇଁ କମ୍ ଭାରସ୍ୱରୂପ କରାଯାଇପାରିବ ବୋଲି କୋର୍ଟ ଗୁରୁତ୍ୱ ଦେଇଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ରିହାତି ଏବଂ ପ୍ରୋତ୍ସାହନ ସମ୍ବନ୍ଧୀୟ ନୀତିକୁ ଏଭଳି ପର୍ଯ୍ୟାୟଭିତ୍ତିକ ଭାବେ ପ୍ରସ୍ତୁତ କରାଯିବା ଉଚିତ, ଯାହାଦ୍ୱାରା ସମାଜ ଓ ଆର୍ଥିକ ଦୃଷ୍ଟିରୁ ସବୁଠାରୁ ଦୁର୍ବଳ ବର୍ଗର ଲୋକମାନେ ସର୍ବାଧିକ ଲାଭ ପାଇପାରିବେ। ଏମ୍/ଏସ୍ ଭାସ୍କର ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଆବେଦନର ଶୁଣାଣି କରୁଥିବା ବେଳେ ସୁପ୍ରିମକୋର୍ଟ ବ୍ୟାଙ୍କର ଋଣ ପ୍ରଦାନ ଶୈଳୀକୁ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଆବେଦନ ୧୬ ଜାନୁଆରୀ ୨୦୨୫ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଦେଇଥିବା ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଦାଖଲ କରାଯାଇଥିଲା। ହାଇକୋର୍ଟ ଏସ୍‌ବିଆଇ ପକ୍ଷରୁ ଦାଖଲ ରିଟ୍ ପିଟିସନକୁ ମଞ୍ଜୁର କରି ଆଇନ ଅନୁଯାୟୀ ବନ୍ଧକ ରଖାଯାଇଥିବା ସମ୍ପତ୍ତିର ଭୌତିକ ଦଖଲ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭବ ହେଲେ ଦୁଇ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ମଧ୍ୟ କହିଥିଲେ। ଭାସ୍କର ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍ ୨୦୧୯ରେ ଷ୍ଟେଟ ବ୍ୟାଙ୍କ ଠାରୁ ୮.୦୯ କୋଟି ଟଙ୍କାର ଋଣ ନେଇଥିଲା। କିନ୍ତୁ କମ୍ପାନୀ ପ୍ରଥମ କିସ୍ତି ମଧ୍ୟ ପରିଶୋଧ କରିପାରିଲା ନାହିଁ। ଫଳରେ ଋଣ ମଞ୍ଜୁର ହେବାର ପ୍ରାୟ ପାଞ୍ଚରୁ ଛଅ ମାସ ମଧ୍ୟରେ,



ଅର୍ଥାତ୍ ୨୯ ଜୁଲାଇ ୨୦୧୯ରେ ବ୍ୟାଙ୍କ ଋଣ ଖାତାକୁ ନନ ପରଫର୍ମିଂ ଆସେଟ୍ ଭାବେ ଘୋଷଣା କରାଯାଇଥିଲା। ଏହା ପରେ ଏସ୍‌ବିଆଇ, ଆଇନର ଧାରା ୧୪ ଅନୁଯାୟୀ ବନ୍ଧକ ରଖାଯାଇଥିବା ସମ୍ପତ୍ତିର ଦଖଲ ନେବା ପ୍ରକ୍ରିୟା ଆରମ୍ଭ କରିଥିଲା। ଯମୁନା ନଗର ଜିଲ୍ଲା ମାଜିଷ୍ଟ୍ରେଟ୍ ୨୯ ମେ ୨୦୨୪ରେ ଏସବିଆଇର ଆବେଦନକୁ ମଞ୍ଜୁର କରିଥିଲେ। ପରେ ବ୍ୟାଙ୍କ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ହାଇକୋର୍ଟ ସମ୍ପତ୍ତିର ଦଖଲ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କମ୍ପାନୀ କହିଥିଲା ଯେ, ଋଣ ମଞ୍ଜୁର ହେବାର ମାତ୍ର ପାଞ୍ଚରୁ ଛଅ ମାସ ମଧ୍ୟରେ ଏହାକୁ ଏନ୍‌ପିଏ ଘୋଷଣା କରିବା ମନମୁଖୀ ନିଷ୍ପତ୍ତି ଏବଂ ଏସ୍‌ବିଆଇର ନିଜସ୍ୱ ନୀତି ବିରୋଧୀ। କମ୍ପାନୀ ଏହା ମଧ୍ୟ କହିଥିଲା ଯେ, ସେମାନେ ସମ୍ପୂର୍ଣ୍ଣ ମୂଳ ଋଣ ରାଶି ପରିଶୋଧ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବ୍ୟାଙ୍କ ସେହି ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ନେଇନଥିଲା। କମ୍ପାନୀ ଦାବି କରିଥିଲା ଯେ, ସେମାନଙ୍କର କାରଖାନାକୁ ପୁଣିଥରେ ଚାଲୁ କରିବାର କ୍ଷମତା ରହିଛି। ଏସ୍‌ବିଆଇ ଏବଂ କୋର୍ଟ ପକ୍ଷରୁ କିଛି ସହଯୋଗ ମିଳିଲେ ଏହି ଶିଳ୍ପ ସଂସ୍ଥା ପୁଣି ଲାଭଜନକ ହୋଇପାରିବ ଏବଂ ଏହା ଦେଶର ଅର୍ଥନୀତି ପାଇଁ ମଧ୍ୟ ଲାଭଦାୟକ ହେବ। ଉଭୟ ପକ୍ଷର ତର୍କ ଶୁଣି ସାରିବା ପରେ ଖଣ୍ଡପୀଠ କହିଥିଲେ ଯେ, ଆବେଦନକାରୀଙ୍କ ଆଚରଣ ଅନେକ କ୍ଷେତ୍ରରେ ସନ୍ତୋଷଜନକ ନଥିଲା। କୋର୍ଟ ଉଲ୍ଲେଖ କରିଥିଲେ ଯେ, ୮.୦୯ କୋଟି ଟଙ୍କାର ଋଣ ନେବା ପରେ କମ୍ପାନୀ ପ୍ରଥମ କିସ୍ତିରେ ହିଁ ଖିଲାପ କରିଥିଲା ଏବଂ ଏହା ପରେ 'ଗୋଟିଏ ପଇସା ମଧ୍ୟ' ପରିଶୋଧ କରିନାହିଁ। କୋର୍ଟ କହିଥିଲେ ଯେ, ଋଣ ନେବାର ପ୍ରାୟ ଛଅ ବର୍ଷ ପରେ କେବଳ ମୂଳ ଋଣ ଫେରସ୍ତ କରିବା ପ୍ରସ୍ତାବ 'ଅତ୍ୟନ୍ତ କମ୍ ଏବଂ ଅତ୍ୟନ୍ତ ବିଳମ୍ବିତ'। ଖଣ୍ଡପୀଠ ଆହୁରି କହିଥିଲେ ଯେ, ଡିଆରଟିର ଦ୍ୱାରସ୍ଥ ହେବା ପରେ କମ୍ପାନୀ ସେଠାରେ ଉପଲବ୍ଧ ଆଇନଗତ ପ୍ରତିକାରକୁ ଅନୁସରଣ କରିବା ଉଚିତ ଥିଲା। ଏକାସାଙ୍ଗରେ ସୁପ୍ରିମକୋର୍ଟରେ ମଧ୍ୟ ରିଲିଫ୍ ମାଗିବା ଉଚିତ ନଥିଲା। ତେବେ ଏସବିଆଇର ଆଚରଣକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।


**ଏବେ ବଜାରରେ ଉପଲବ୍ଧ...**

**ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଜୁଲାଇ-୨୦୨୬ ସଂଖ୍ୟା**





**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ।
**ସମକାଳର କଥା :** ରମେଶ ପଟ୍ଟନାୟକ, ବିନୋଦ, ସୁଜାତା ମହାପାତ୍ର, ପ୍ରଣିତାରାଣୀ ବେହେରା, ସନ୍ତୋଷୀସ୍ୱାଇଁ, ରାଜଲକ୍ଷ୍ମୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ରାଧାଶ୍ୟାମ ରାଉଳ, ପୀତାମ୍ବର ମହାପାତ୍ର, ସୁଷମା ପରିଡା।
**ଅନ୍ୟ ଭାଷାର କଥା :** ଚିତ୍ତରଂଜନ ପଟ୍ଟନାୟକ।
**ଯୁବ ମାନସର କଥା :** ଲିପିକା ଦାସ ପଟ୍ଟନାୟକ, ଅନୁସୂୟା ପଣ୍ଡା, ଚିନ୍ମୟୀ ପଣ୍ଡା, ଇନ୍ଦୁମତୀ ପାତ୍ର, ରୁମୁଲୀ ନନ୍ଦ।
ଏବଂ ଶେଷରେ 'କଥା ସାଗର' : ମଳିନ ଚନ୍ଦ୍ର-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)